# ବିଦ୍ୟାଳୟରେ ଯୋଗ ଦିବସ



ଖଇରା, ୨୨।୬ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ବିଭିନ୍ନ କଲେଜରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଯୋଗ ଉପରେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନେ ଯୋଗ ପ୍ରଦର୍ଶନ କରିଛନ୍ତି। ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅନ୍ତରାସ୍ଥିତ ଅଗଣିନରେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ ଆନୁକୂଲ୍ୟରେ ବିଶ୍ୱ ଯୋଗ ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସମହାପାତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ତତସହିତ ଯୋଗ ଶିକ୍ଷକ ମାନସ କୁମାର ତିଆଡି ଏବଂ ତାଙ୍କର ସହଯୋଗି ଗଣ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଯୁବ ରେଡକ୍ରସର କାଉନସିଲର ଅଧ୍ୟାପକ ଦେବେନ୍ଦ୍ର କୁମାର ପଲେଇ ଯୋଗର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ସମସ୍ତ ଶିକ୍ଷକ ଅଣଶିକ୍ଷକ ଓ କର୍ମଚାରୀ ଯୋଗଦାନ କରିଥିଲେ।

## ଗୋଷ୍ଠୀ ସଂଘର୍ଷ ଘଟଣା

# ରାଜନୈତିକ ଦଳ ସହ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଆଲୋଚନା

ବାଲେଶ୍ୱର, ୨୨।୬(ସମିସ):



ଗତ ୧୮ ତାରିଖରେ ବାଲେଶ୍ୱରରେ ଏକ ଗୋଷ୍ଠୀ ସଂଘର୍ଷ ଘଟିଯାଇଛି। ଏହାକୁ କେନ୍ଦ୍ର କରି ଜିଲ୍ଲା ପ୍ରଶାସନ ୧୮ ତାରିଖରେ ପ୍ରଥମେ ୧୪୪ଧାରା ଏବଂ ଉକ୍ତ ଦିନ ମଧ୍ୟରାତ୍ରିରେ କର୍ଫ୍ୟୁ ଲାଗୁ କରିଥିଲା। ଯାହାକି ବଳବତ୍ତର ରହିଛି। ତେଣୁ ବାଲେଶ୍ୱର ସହରରେ କିପରି ଭାବେ ପୁଣିଥରେ ଶାନ୍ତି ଫେରିବ ଏବଂ କର୍ଫ୍ୟୁ ସମ୍ପୂର୍ଣ୍ଣ ଭାବେ ଉଠିବ ସେ ନେଇ ଆଜି ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ସହ ଆଲୋଚନା କରିଛନ୍ତି।

ଏହି ଆଲୋଚନା ସମୟରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସମେତ ସିପିଆଇ, ସିପିଆଇଏମ ଆଦି ବିଭିନ୍ନ ଦଳର ବ୍ୟକ୍ତିମାନେ ଉପସ୍ଥିତ ରହି ଆଲୋଚନା କରିଛନ୍ତି। ବର୍ତ୍ତମାନ ସ୍ଥିତିରେ କର୍ଫ୍ୟୁ ଲାଗି ରହିଥିବା ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରରେ କିପରି ଭାବେ ପୂର୍ବଭଳି ଶାନ୍ତି ଫେରାଇ ଆଣିବା ସହ କର୍ଫ୍ୟୁ ସମ୍ପୂର୍ଣ୍ଣ ଭାବେ ଉଠାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହାଛଡା ଉଚିତ ତଦନ୍ତ କରି ଘଟଣାରେ ସମ୍ପୃକ୍ତ ଥିବା ଲୋକମାନଙ୍କୁ ଗିରଫ କରାଯିବା ଉପରେ ଆଲୋଚନା କରାଯାଇଥିଲା। ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଆଜି ସହରରେ ଯେଉଁ କର୍ଫ୍ୟୁ ବଳବତ୍ତର ରହିଛି। ଏଠାରେ କିପରି ଭାବେ ଶାନ୍ତି ଫେରିଆସିବ ସେଥିପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏବଂ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, କଂଗ୍ରେସ ଜିଲ୍ଲା ସଭାପତି ସଞ୍ଜୀବ ଗିରିଙ୍କ ସମେତ ଅନ୍ୟ ରାଜନୈତିକ ଦଳମାନେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରାଯାଇଛି। ଦୀର୍ଘ ସମୟ ଧରି ଆଲେଚନା ପରେ ଏଠାରେ ଶାନ୍ତି କମିଟି କିପରି ଭାବେ ଗଠନ ହୋଇ ପାରିବ ଏବଂ ସମସ୍ତ ଦଳର ମୁଖ୍ୟମାନଙ୍କୁ ଡାକିବା ଅନ୍ୟ ସାମଜିକ ସଙ୍ଗଠନମାନଙ୍କୁ ଡାକି ଏକ ବୈଠକ କରାଯିବାର ଆବଶ୍ୟକତା ରହିଛି। ଦୀର୍ଘ ୩୦ ବର୍ଷ ପରେ ଆଜି ବାଲେଶ୍ୱରରେ ଏଭଳି ଘଟଣା ଘଟିଛି। ବିଜେପି ସରକାର ଆସିବାର ଗୋଟିଏ ଦିନ ପରେ ଏଭଳି ଘଟଣା ଏଠାରେ ଘଟିଛି। ଏଣୁ ସମସ୍ତେ ଏକାଠି ହୋଇ ଆଜି ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଛନ୍ତି। ଏ ନେଇ ଶ୍ରୀକାନ୍ତ ଜେନା କହିଛନ୍ତି ଯେ, ଭାଇଚାରାର ସହର ହେଉଛି ବାଲେଶ୍ୱର ଏଠାରେ ଭାଇଚାରା କିପରି ଭାବେ ଫେରିବ ଏବଂ ଏଠାରେ ଯେଉଁ ଅବସ୍ଥା ସୃଷ୍ଟି ହୋଇଛି ସେଥିରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏହାଛଡା କାହିଁକି ଏଭଳି ଘଟଣା ଘଟିଲା ତାହା ଉପରେ ଏକ ନ୍ୟାୟିକ ଯାଞ୍ଚ କରାଯିବା ଉଚିତ। ଓଡ଼ିଶା ହାଇକୋର୍ଟର ଜଣେ ସିଟିଂ ଜଜଙ୍କ ଦ୍ୱାରା ଏହି ଘଟଣାର ତଦନ୍ତ କରାଯାଉ। ଏହାବ୍ୟତିତ ଏହି ଘଟଣାରେ ସାଧାରଣ ଲୋକମାନଙ୍କୁ କୌଣସି ପ୍ରକାର ହଇରାଣ କରାନଯାଉ। ଏହାବ୍ୟତିତ ଶାନ୍ତି କମିଟି ପୁନର୍ଗଠିତ ହେବା ଉଚିତ। ସମସ୍ତଙ୍କର ଆଶା ରହିଛି ଯେ ପୁଣିଥରେ ଶାନ୍ତି ଫେରିବ। ତେବେ ଶାସନ କଳ ଏଠାରେ ଶାନ୍ତି ଫେରାଇ ଆଣିବା ପେଇଁ ସେମାନଙ୍କ ଠାରୁ ଯେ କୌଣସି ଆବଶ୍ୟକତା ମନେ କରନ୍ତି ତାହା ସେମାନେ ନେଇ ପାରିବେ ବୋଲି ସେ କହିଛନ୍ତି।

# ସହରରେ ଶାନ୍ତି ଫେରାଇ ଆଣିବା ପାଇଁ ଅଣ୍ଟା ଭିଡ଼ିଲେ ସାମ୍ବାଦିକ



ବାଲେଶ୍ୱର, ୨୨।୬ (ସମିସ): ବାଲେଶ୍ୱର ପୌରାଞ୍ଚଳରେ ଗତ ସୋମବାର ଦିନ ଦୁଇ ଗୋଷ୍ଠୀ ମଧ୍ୟରେ ହିଂସାକାଣ୍ଡ ଘଟିଥିଲା। ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲେଶ୍ୱର ପୌରାଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଛି। ସହରର ପୂର୍ବବସ୍ଥା ଓ ଶାନ୍ତି ଫେରାଇ ଆଣିବା ପାଇଁ ଜିଲ୍ଲା ସାମ୍ବାଦିକଙ୍କ ପକ୍ଷରୁ ସାମ୍ବାଦିକ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସାମ୍ବାଦିକ ଉବଚକ୍ ମହାନ୍ତି, ବ୍ରହ୍ମାନନ୍ଦ ସ୍ୱାଇଁ, ରତିକାନ୍ତ ପାତ୍ର, ମାନସ ବିଶ୍ୱାଳ, ମନୋଜ ରାଉଳ, ଆଶୁତୋଷ ମଲ୍ଲିକ, ଗୋବିନ୍ଦ ରାଠୀ, ରୁଜୁୱାନ ମଲ୍ଲିକ, ସୋମନାଥ ସାହୁ, ବିଜୟ ଦାସ ପ୍ରମୁଖ ସହରର ଶାନ୍ତି ପ୍ରତିଷ୍ଠା ପାଇଁ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ।

# ପୂର୍ବତନ ବିଧାୟକ ପ୍ୟାରୀମୋହନ ଦାସଙ୍କ ଜୟନ୍ତୀ



ବାଲେଶ୍ୱର(ଉତ୍ତର), ୨୨।୬ (ସମିସ) : ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପ୍ୟାରୀମୋହନ ଦାସଙ୍କ ୧୧୧ତମ ଜୟନ୍ତୀ ଅବସରରେ ଆଜି ଭୋଗରାଇ ବ୍ଲକ ନେଗୁଁଆ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାଲ୍ୟାର୍ପଣ କରିଥିଲେ। ଶ୍ରୀ ଦାସ ଙ୍କ ସହ ଜିଲ୍ଲା ପରିଷଦ ସଦସ୍ୟା ନିବେଦିତା ମହାନ୍ତି, କଖଡା ସରପଞ୍ଚ ପୁଷ୍ପାଞ୍ଜଳି ମହାନ୍ତି, ଜଗନ୍ନାଥପୁର ସରପଞ୍ଚ ଅଶୋକ ସାସମଲ, ସମିତି ସଦସ୍ୟ ଲକ୍ଷ୍ମୀକାନ୍ତ ଆଧେକ, ପୂର୍ବତନ ସମିତିସଭ୍ୟ ସୁଶାନ୍ତ ନାୟକ, ସମାଜସେବୀ ଦେବେନ୍ଦ୍ର ସାହୁ, ସମାଜସେବୀ ଆଶିଷ ଦାସ, ସୁଶାତ ନାୟକ, ଶ୍ରୀକାନ୍ତ ପ୍ରଧାନ, ଅର୍ଜୁନ ପ୍ରହରାଜ, ସାମ୍ବାଦିକ ବିଶ୍?ମ୍ବର ଦାସ, ହେମନ୍ତ ପ୍ରଧାନ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେଇ ସମସ୍ତେ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ। ସୂଚନା ଥାଉକି, ସ୍ୱର୍ଗତ ଦାସ ଭୋଗରାଇ କଖଡା ପଞ୍ଚାୟତ ଅଧୀନ ତଳାଡ଼ି ଗାଁ ବାପା କୁଶଧ୍ୱଜ ଦାସ ଓ ମା କ୍ଷୀରୋଦା ମଣିଙ୍କ ପୁତ୍ର। ସେ ୧୯୧୪ ମସିହା ପବିତ୍ର ସ୍ନାନ ପୂର୍ଣ୍ଣିମାରେ ଜନ୍ମ ଗ୍ରହଣ କରିଥିଲେ। ପିଲା ବେଳୁ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ କରିଥିଲା ବେଳେ ୧୯୬୧ରୁ ୭୧ ସେ ୨ଥର ଭୋଗରାଇ ବିଧାୟକ ହୋଇଥିଲେ।

# ଆବେଦନର ମାସମାସ ପରେ ବି ମିଳୁନି ବିଦ୍ୟୁତ୍ ସଂଯୋଗ

ସୋର, ୨୨।୬ (ସମିସ): ଟିପିଏନ୍‌ଓଡିଏଲ ସୋର ସବ୍‌ଡିଭିଜନ ଅନ୍ତର୍ଭୁକ୍ତ ଉପଭୋକ୍ତା ମାନଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦେବାର ଅବହେଳା ପ୍ରଦର୍ଶନ କରାଯାଉଛି। ସୋର ନଂ-୧ ସେକ୍ସନର କେତେକ ବିଦ୍ୟୁତ୍ ସଂଯୋଗ ପାଇଁ ଦୀର୍ଘ ମାସ ମାସ ଧରି ଅନ୍‌ଲାଇନରେ ଆବେଦନ କରାଯାଇଥିଲେ ସୁଦ୍ଧା ବିଭାଗ ତରଫରୁ ବିଦ୍ୟୁତ୍ ସଂଯୋଗ ଦେବାରେ ଅବହେଳା ପ୍ରଦର୍ଶନ କରିବାରୁ ଅପେକ୍ଷାରତ ଉପଭୋକ୍ତା ମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସୋର ଷ୍ଟେସନଛକ ନିକଟସ୍ଥ ସରୋଜିନୀ ମହାପାତ୍ର ଗତ ୨୬.୪.୨୦୨୪ରିଖରେ ଟିପିଏନ୍‌ଓଡ଼ିଏଲ ୧୦୭୪୯୭୭୮ରେ ଆବେଦନ କରି ଆବଶ୍ୟକ କାଗଜପତ୍ର ଏବଂ ଅର୍ଥ ଜମାକରିଥିଲେ। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏବଂ ଲାଇନମ୍ୟାନ୍‌ଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଏ ବାବଦରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ଏଭଳି ଗୋଟିଏ ସଂଯୋଗ ନୁହେଁ ଆହୁରି ଅନେକ ବିଦ୍ୟୁତ୍ ଉପଭୋକ୍ତାମାନେ ବିଦ୍ୟୁତ୍ ସଂଯୋଗ ପାଇବାକୁ ଅର୍ଥ ଜମାକରି ଦୀର୍ଘ ମାସମାସ ଧରି ଅପେକ୍ଷା କରିଥିଲେ ସୁଦ୍ଧା ତାଙ୍କୁ ଗୁରୁତ୍ୱ ଦିଆଯାଉ ନଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଅପରିଷ୍କାର ହୋଇପଡ଼ିଛି ଡାକ୍ତରଖାନା ପରିସର



ରାଇବଣିଆ, ୨୨।୬(ସମିସ): ମେଡିକାଲ ପରିସରରେ ଅଳିଆ ଗଦା। ଲୋକେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥାନ୍ତି ଉତ୍ତମ ଚିକିତ୍ସା ପାଇଁ କିନ୍ତୁ ହେଲେ ଏଠାରେ ଦେହ କ'ଣ ଭଲ ହେବ ଆହୁରି ବିପଦ ମାଡିଆସିବ। ସମସ୍ତ ମେଡିକାଲ ପରିସରରେ ସୁସ୍ଥ ପରିବେଶ ସହିତ ସୁସ୍ଥ ବାତାବରଣ ରହିଥାଏ ଏବଂ ଏ ନେଇ ସରକାର୍ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଏଠାରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଶିଖରପୁର ଗ୍ରାମ ପଞ୍ଚାୟତର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବ୍ୟତିକ୍ରମ ଦେଖାଦେଇଛି। ଏହି ଡାକ୍ତରଖାନା ପରିସରରେ କେଉଁଠି କାନ୍ଥରେ ଘାସ ନୋଟା ତ କେଉଁଠି ଗେଟ୍ ରେ ଚଢ଼ି ଗଲାଣି ଲତା। ମେଡିକାଲ ପରିସର ଘାସ, ଲତା ଓ ଅଳିଆରେ ପରିପୂର୍ଣ୍ଣ। ତେଣୁ ମେଡିକାଲ ଆସୁଥିବା ଲୋକଙ୍କ ବିଷାକ୍ତ ସାପ କାମୁଡ଼ିବାର ଭୟ ରହିଛି। ଏ ନେଇ ଶିଖର ପୁର ମେଡିକାଲର ଆୟୁଷ ଡାକ୍ତର ସନ୍ଦୀପ କୁମାର୍ ମହାନ୍ତି କହିଥିଲେ କି ମେଡିକାଲର ରକ୍ଷଣା ବେକ୍ଷଣ ପାଇଁ ଫଣ୍ଡ ସରିଯାଇଛି; ଆସିଲେ ମେଡିକାଲ ପରିସର ସଫା ହେବ। ଏ ନେଇ ହାତିଗର୍ଡ଼ ସୁପରିଣ୍ଟେଣ୍ଡେଣ୍ଟ ଅଜୟ କୁମାର ସାହୁ କହିଥିଲେ ଯେ, ଆସନ୍ତା ସୋମବାର ହେବାକୁ ଥିବା ରିଭ୍ୟୁ ମିଟିଂରେ ସମସ୍ତ ଅବ୍ୟବସ୍ଥାର ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ।




# ଦରବୃଦ୍ଧି ନିୟନ୍ତ୍ରଣ ଏବଂ ନିଟ୍ ପରୀକ୍ଷାରେ ବିଭ୍ରାଟକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଜଳେଶ୍ୱର ବ୍ଲକ, ୨୨।୬ (ସମିସ):




ତୁରନ୍ତ ଦରବୃଦ୍ଧି ବନ୍ଦ କରିବା ସହ ନିଟ୍ ପରୀକ୍ଷା ବାତିଲ କରି ପରୀକ୍ଷାରେ ବିଭ୍ରାଟ କରିଥିବା ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଶନିବାର ସନ୍ଧ୍ୟାରେ ସି.ପି.ଆଇ. (ଏମ୍) ପକ୍ଷରୁ ଜଳେଶ୍ୱର ଷ୍ଟେସନ୍ ଛକ ଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି। ନିର୍ବାଚନ ସରୁ ସରୁ ଆଳୁ, ପିଆଜ, ଡାଲି, ତେଲ ଓ ବିଲାତିରୁ ଆରମ୍ଭ କରି ସମସ୍ତ ପରିବା ଦର ଅହେତୁକ ଭାବରେ ବୃଦ୍ଧି ପାଇ ସାଧାରଣ ଲୋକଙ୍କର ହାଣ୍ଡିଶାଳ ଅଚଳ ହୋଇଛି। ସରକାର ଏହି ଦରବୃଦ୍ଧି ନିୟନ୍ତ୍ରଣ ନ କରି ବୃହତ ପୁଞ୍ଜିପତି ହାତରେ ଛାଡ଼ିଦେବା ଏବଂ ନିର୍ବାଚନ ସମୟରେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ କୋଟି କୋଟି ଟଙ୍କା ଚାନ୍ଦା ନେବା ଦରବୃଦ୍ଧି ର ଅନ୍ୟତମ କାରଣ। ପରିବା ଦର ବୃଦ୍ଧି ପାଇ ଉତ୍ପାଦନ କମ୍ ହେବା ଓ ଶୀତଳ ଭଣ୍ଡାରର ଅଭାବ ଯୋଗୁଁ ଆଜି ପ୍ରାୟ ସମସ୍ତ ପରିବା କେଜି ପ୍ରତି ହାରାହାରି ୮୦ ଟଙ୍କା ପହଞ୍ଚିଛି। ପୁଣି ଦେଶ ସ୍ୱାଧୀନ ହେବାର ୭୭ ବର୍ଷ ପରେ ମଧ୍ୟ ଆଳୁ, ପିଆଜ ଓ ମାଛ ଠୁ ଆରମ୍ଭ କରି ଅନେକ ଜିନିଷ ଆଜି ବି ଆନ୍ଧ୍ର, ପଶ୍ଚିମ ବଙ୍ଗ, ମହାରାଷ୍ଟ୍ର, ଗୁଜୁରାଟ ଉପରେ ନିର୍ଭର କରିବାକୁ ପଡୁଛି। ଏହି ସବୁ ଦୃଷ୍ଟିରୁ ତୁରନ୍ତ ଡବଲ ଇଞ୍ଜିନ ସରକାର ଦରବୃଦ୍ଧିକୁ ନିୟନ୍ତ୍ରଣ କରି ସାଧାରଣ ଲୋକଙ୍କର ଜୀବନ ଜୀବିକା ରକ୍ଷା କରିବା ଆବଶ୍ୟକ। ଅପର ପକ୍ଷରେ ପରୀକ୍ଷା ବିଭ୍ରାଟ ଓ ପ୍ରଶ୍ନପତ୍ର ଲିକ୍ ପାଇଁ ନେଟ୍ ରେ ୯ ଲକ୍ଷ ଏବଂ ନିଟ୍ ରେ ୨୪ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ହେବାକୁ ଲାଗିଛି। ଏଣୁ ତୁରନ୍ତ ନେଟ୍ ଭଳି ନିଟ୍ ରେ ମଧ୍ୟ ପରୀକ୍ଷା ଫଳ ବାତିଲ କରି ଦୋଷୀ ବିରୋଧରେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ଶିକ୍ଷାର ଘରୋଇକରଣ, ବ୍ୟବସାୟୀ କରଣ ଓ କେନ୍ଦ୍ରୀକରଣ ବନ୍ଦ ହେବା ଦରକାର। ଶିକ୍ଷା ବଜେଟ୍ ବୃଦ୍ଧି କରି ନିଃଶୁଳ୍କ, ଗୁଣାତ୍ମକ ଓ ବିଜ୍ଞାନ ସମ୍ମତ ଶିକ୍ଷାଦାନ କୁ ସୁନିଶ୍ଚିତ କରିବା ଦରକାର। ମାତ୍ର ପରିତାପର ବିଷୟ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏହାକୁ ହାଲୁକା ଭାବେ ଗ୍ରହଣ କରି ଏଡେଇଯିବାକୁ ବସିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଏ ବିଷୟରେ ନିରବତା ଅବଲମ୍ବନ କରିଛନ୍ତି। ଏଣୁ ପିଲାଙ୍କ ଭବିଷ୍ୟତ ସହ ନଖେଳି ତୁରନ୍ତ ପଦକ୍ଷେପ ନନେଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ସଭାରେ ବ୍ୟକ୍ତା ମାନେ ଆହ୍ୱାନ ଦେଇଛନ୍ତି। ଦିଲ୍ଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ଦୀପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ନନ୍ଦୀ, ପଲଟୁ ଦାସ, ଦିଲ୍ଲୀପ ପରିଡ଼ା, ରତନ ଦାସ, ସେକ ଅବଦୁଲ ସାଦ୍ଦିକ, ଧୀରେନ୍ଦ୍ର ଦେ, ଏସ୍.ଏଫ୍. ଆଇ ନେତା ଚନ୍ଦନ କାମିଲା, ଗଣେଶ ଭୂୟାଁ, ଗଣେଷ ପାତ୍ର, ଆରତୀ ପଲାଇ, ଲକ୍ଷ୍ମୀଧର ପଲାଇ, ସବିତା ସାହୁ, ସବିତା ଭୂୟାଁ, ସୁବ୍ରତ ବିଶ୍ୱାଳ, ସେକ ଜମିରୁଦ୍ଦିନ, ସେକ୍ ସୀତାରୁଦ୍ଦିନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।





ଶ୍ରୀଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା

# ଗଜାନନ ବେଶ ଦର୍ଶନ କରି ବିମୋହିତ ଶ୍ରଦ୍ଧାଳୁ



ବାଲେଶ୍ୱର, ୨୨।୬(ସମିସ):

ବାଲଗୋପାଳପୁରସ୍ଥିତ ଇମାମୀ ନଗର ଶ୍ରୀଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ଏହି ଦିନ ହଜାର ହଜାର ଶ୍ରଦ୍ଧାଳୁ ଗଜାନନ ବେଶ ଦର୍ଶନ କରି ବିମୋହିତ ହୋଇଥିଲେ। ଏଥିସହିତ ଶ୍ରୀଜୀଉମାନେ ଅଣସର ବେଦୀକୁ ବିଜେ ହୋଇଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଓ ଶ୍ରୀକ୍ଷେତ୍ର ରୀତିନୀତି ଅନୁଯାୟୀ ଆଜି ସକାଳ ୬.୩୦ ରେ ମଙ୍ଗଳାର୍ପଣ, ଘ.୭.୩୦ମି. ଧାଡ଼ି ପହଣ୍ଡି, ଘ୮.୩୦ମି. ମଙ୍ଗଳ ଆରତୀ, ଘ୯.୩୦ମି.ରେ ସୂବର୍ଣ୍ଣ କୂପ ପୂଜା, ଜଳାଧିବାସ, ଘ.୧୧.୧୫ମି. ବହୁ ପ୍ରତିକ୍ଷିତ ମହାସ୍ନାହ ଅନୁଷ୍ଠିତ ହୋଇଥିଲା। ଦିନ ଗୋଟାଏରେ ମନ୍ଦିରର ପ୍ରତିଷ୍ଠାତା ରାଧେଶ୍ୟାମ ଗୋଏଙ୍କାଙ୍କ ଦ୍ୱାରା ଛେରାପହଁରା, ଅପରାହ୍ଣ ଘ.୨.୪୫ମି. ମହପ୍ରଭୁଙ୍କର ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। ଦିନ ଘ.୩.୩୦ମି.ରେ ଛପନ ଭୋଗ ଲାଗି ହୋଇଥିଲା। ସନ୍ଧ୍ୟା ୭ଟାରେ ସନ୍ଧ୍ୟା ଅଳତୀ, ଘ.୮.୩୦ମିରେ ଗୋଟି ପହଣ୍ଡିରେ ଶ୍ରୀଜୀଉମାନେ ଅଣସର ବେଦୀକୁ ପ୍ରବେଶ କରିଛନ୍ତି। ଉକ୍ତ ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରଦ୍ଧାଳୁଙ୍କ ଭିଡକୁ ନିୟନ୍ତ୍ରଣ ନିମନ୍ତେ କଡା ସୁରକ୍ଷା ସାଙ୍ଗକୁ ଡ୍ରୋନ୍ କ୍ୟାମେରା, ଟ୍ରାଫିକ୍ ନିୟନ୍ତ୍ରଣ, ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବାର ସୁ ବ୍ୟବସ୍ଥା କରାଯାଇଥିବା ସାଙ୍ଗକୁ ସକାଳ ୧୦ ଘଟିକାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ସମସ୍ତ ଜଗନ୍ନାଥ ପ୍ରେମୀଙ୍କ ନିମନ୍ତେ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ତଥା ଇମାମୀ ଗ୍ରୁପ୍ର ଅନ୍ୟତମ ନିର୍ଦ୍ଦେଶକ ସୁଶିଲ କୁମାର ଗୋୟେଙ୍କା ଯୋଗଦେଇ ସମସ୍ତ କାର୍ଯ୍ୟ ପ୍ରତ୍ୟେକ୍ଷ ତଦାରଖ କରୁଥିବା ବେଳେ ସ୍ଥାନୀୟ ଇମାମୀ କାଗଜ କଳର ମୁଖ୍ୟ ସଞ୍ଚାଳକ ଏମ ବି ଏସ ନାୟାର ଉପସଭାପତି ଚନ୍ଦ୍ରେଶ ଗୁପ୍ତା, ବରିଷ୍ଠ ଉପସଭାପତି ରାଜେଶ କୁମାର ମିତଲ, ଡି.ଜି.ଏମ୍. ଦେବବ୍ରତ ହୋତା, ଡି.ଜିଏମ୍. ରମେଶ ଚନ୍ଦ୍ର ଖୁଣ୍ଟିଆ, ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଳ ରଞ୍ଜନ ଦାସସାମନ୍ତରାୟ, କର୍ମକର୍ତ୍ତା ବିନୋଦ କୁମାର ଜେନା, ଅକ୍ଷୟ କିଶୋର ଦାସ, ଇମାମୀ ଲେଡିସ୍ କ୍ଲବର ସମସ୍ତ ସଦସ୍ୟା ତଥା ବହୁ ମାନ୍ୟଗନ୍ୟ ବ୍ୟକ୍ତିବିଶେଷ ଓ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଶଙ୍ଖ, ଘଣ୍ଟା, କରତାଳ, ମୃଦଙ୍ଗ ସାଙ୍ଗକୁ, ମନ୍ଦିର ବେଢ଼ା ଅତ୍ୟାଧୁନିକ ଆଲୋକ ଏବଂ ପୁଷ୍ପ ସୁସଜ୍ଜିତ ପରିବେଶ ଓ ଜୟ ଜଗନ୍ନାଥ ଧ୍ୱନୀରେ ବେଶ୍ ଭାବ ଓ ଆବେଗମୟ ହୋଇଉଠିଥିଲା। ରେମୁଣା ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ଭରତ ଚନ୍ଦ୍ର ମହାନ୍ତି ଧର ବିବରଣୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ଇମାମି ଗ୍ରୁପର ଯୁଗ୍ମ ଅଧକ୍ଷ ତଥା ଜଗନ୍ନାଥ ପ୍ରେମୀ ରାଧାଶ୍ୟାମ ଅଗ୍ରୱାଲ ଏବଂ ରାଧାଶ୍ୟାମ ଗୋଏଙ୍କାଙ୍କ କର କମଳରେ ୭୨ ଫୁଟ ଉଚ୍ଚ ଏବଂ ପୁରୀ ଓ କୋଣାର୍କ ମନ୍ଦିରର ସମ୍ମିଶ୍ରଣ ଶୈଳୀରେ ନିର୍ମିତ ମନ୍ଦିରକୁ ବିଶିଷ୍ଟ ଶିଳ୍ପୀ ପଦ୍ମଶ୍ରୀ ରଘୁନାଥ ମହାପାତ୍ରଙ୍କ ନିର୍ମିତ ହୋଇଥିଲା। ମନ୍ଦିର ୨୦୧୧ ମସିହାରେ ନିର୍ମାଣ କାମ ଆରମ୍ଭ ହୋଇ ୨୦୧୫ରେ ପ୍ରତିଷ୍ଠା ହୋଇଥିଲା। ଏଥିସହିତ ମନ୍ଦିର ବେଢ଼ା ମଧ୍ୟରେ ଶ୍ରୀଗଣେଶ, ଶ୍ରୀ ହନୁମାନ, ମହାଦେବ, ଲକ୍ଷ୍ମୀ ଏବଂ ବିମଳା ମନ୍ଦିର ନିର୍ମାଣ ହୋଇଥିଲା। ପ୍ରତିଷ୍ଠା ଦିବସ ଠାରୁ ଶ୍ରୀକ୍ଷେତ୍ରର ରୀତିନୀତି ମୁତାବକ ମହାପ୍ରଭୁଙ୍କ ସମସ୍ତ ପର୍ବପର୍ବାଣି ଅନୁଷ୍ଠିତ ହୋଇ ଆସୁଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇ ଚାଲିଛି। ମନ୍ଦିରର ମୁଖ୍ୟ ପୂଜକ ପ୍ରଦୀପ୍ତ କୁମାର ମିଶ୍ର ଏବଂ ତାଙ୍କର ସହଯୋଗୀ ପ୍ରାତଃରୁ ସମସ୍ତ ନୀତିକାନ୍ତୀ ପରିଚାଳନା କରିଥିଲେ। ଜୁଲାଇ ୭ତାରିଖରେ ହେବାକୁ ଥିବା ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ବ୍ୟାପକ ପ୍ରସ୍ତୁତି ଜାରି ରହିଥିବା ବେଳେ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା ସୂଚାରୂ ରୂପେ ସମାପ୍ତ ହୋଇଥିବାରୁ ସ୍ଥାନୀୟ କାଗଜ କଳର ଏ.ଜି.ଏମ୍ ତଥା ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମୋନଜ କୁମାର ପାଢ଼ୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ନୀଳଗିରି ପୁଲିସ ଉପଖଣ୍ଡ ଅଧିକାରୀ ସରୋଜ କୁମାର ଉପାଧ୍ୟାୟ, ରେମୁଣା ଆଇଆଇସି ଆର୍ତ୍ତତ୍ରାଣ ସେଠୀ, ଏଆସଏଇ ନୀଳମଣି ଦାସ, ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ ଉପସ୍ଥିତ ରହି ମହାପ୍ରଭୁଙ୍କ ଗଜାନନ ବେଶ ଦର୍ଶନ କରିଥିଲେ।

## ମୁମ୍ବାଇରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ

ବାଲିଆପାଳ, ୨୨।୬ (ସମିସ): ମୁମ୍ବାଇସ୍ଥିତ କେନ୍ଦ୍ରୀୟ ଆଣବିକ ଶକ୍ତି ବିଭାଗର ଆବାସିକ ପରିସର ଅଣୁଶକ୍ତିନଗରଠାରେ ସ୍ଥାନୀୟ ଓଡିଆ ସମିତି ଆନୁକୂଲ୍ୟରେ ଦେବସ୍ନାନପୂର୍ଣିମା ଉତ୍ସବ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ସ୍ନାନପୂର୍ଣ୍ଣିମା ଉତ୍ସବ ଦୈନନ୍ଦିନ ଦେବନୀତି ସହ ପ୍ରାରମ୍ଭହେବା ସହିତ କ୍ରମଶଃ ପାର୍ବଣର ବିଶେଷ ନୀତି, ଶ୍ରୀବିଗ୍ରହମାନଙ୍କର ସ୍ନାନମଣ୍ଡପକୁ ପହଣ୍ଡି, ଅଭିମନ୍ତ୍ରିତ ଜଳରେ ସ୍ନାନବିଧି ଏବଂ ଶ୍ରୀଜୀଉମାନଙ୍କର ଗଜାନନ ବେଶ ସମ୍ପନ୍ନ ହୋଇଥିଲା। ଏଥିସହ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମଏବଂ ପ୍ରସାଦସେବନର ଆୟୋଜନ କରାଯାଇଥିଲା। ଏହି ଅବସରରେ ଅଣୁଶକ୍ତିନଗର ଓଡିଆ ସମିତିର ଶତାଧିକ ସଦସ୍ୟଙ୍କ ସମେତ ଭାଷା ଓ ପ୍ରାନ୍ତ ନିର୍ବିଶେଷରେ ବିଭାଗର ଅନେକ ଜଗନ୍ନାଥ ଅନୁରାଗୀ ଭକ୍ତବୃନ୍ଦ ସପରିବାର ଯୋଗଦାନ ପୂର୍ବକ ଶ୍ରୀଜୀଉମାନଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ସମିତି ଅଧକ୍ଷ ଡା. ନିଗମାନନ୍ଦ ମିଶ୍ର ଏବଂ ସଚିବ ଅଶୋକ ରଥ ଉତ୍ସବର ସଫଳ ପରିଚାଳନା ନିମନ୍ତେ ସଦସ୍ୟମାନଙ୍କୁ ତାଙ୍କର ଅକ୍ଳାନ୍ତ ପରିଶ୍ରମ ପାଇଁ ଧନ୍ୟବାଦ ଜଣାଇବା ସହ ଜଗନ୍ନାଥପ୍ରେମୀ ଭକ୍ତବୃନ୍ଦଙ୍କୁ ଶୁଭେଚ୍ଛା ଜଣାଇଥିଲେ।



## ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ସ୍ନାନପୂର୍ଣ୍ଣିମା



ବାଲିଆପାଳ, ୨୨।୬ (ସମିସ): ବାଲିଆପାଳର ପ୍ରସିଦ୍ଧ ଶ୍ରଦ୍ଧାକ୍ଷେତ୍ରରେ ସ୍ନାନପୂର୍ଣ୍ଣିମା ପାଳିତ ହୋଇଯାଇଛି। ସକାଳେ ଶ୍ରୀ ବିଗ୍ରହ ମାନଙ୍କର ମଙ୍ଗଳ ଆଳତୀ, ସୂର୍ଯ୍ୟପୂଜା, ଦ୍ୱାରପୂଜା, ଅବକାଶ ଆଦି ସମସ୍ତ ପୂଜାରୀତି କରାଯାଇଥିଲା। ପରେ ଶଙ୍ଖ ମୃଦଙ୍ଗ ହରିବୋଲ ହୁଳୁହୁଳିରେ ସେବାୟତମାନେ ବିଗ୍ରହମାନଙ୍କୁ ଗୋଟିପହଣ୍ଡିରେ ସ୍ନାନମଣ୍ଡପକୁ ପାଛୋଟି ଆଣିଥିଲେ। ସ୍ନାନ ବେଦୀରେ ପୂଜାନୀତି ପରେ ୧୦୮ ସୁବାସିତ କଳସ ଜଳ ତଥା ପଞ୍ଚାମୃତରେ ବିଗ୍ରହମାନଙ୍କୁ ସ୍ନାନ କରାଯାଇଥିଲା। ବଳଭଦ୍ର ମହାପ୍ରଭୁଙ୍କୁ ୩୩ କଳସ, ଜଗନ୍ନାଥ ମହାପ୍ରଭୁଙ୍କୁ ୩୫ କଳସ, ସୁଭଦ୍ରା ମାତାଙ୍କୁ ୨୨ କଳସ ଏବଂ ସୁଦର୍ଶନ ମହାପ୍ରଭୁଙ୍କୁ ୧୮ କଳସ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ନୂତନ ସଭାପତି ଜଗନ୍ନାଥ ମହାନ୍ତି ଛେରାପହଁରା କରିଥିଲେ। ସ୍ନାନମଣ୍ଡପରେ ଷୋଡଷ ଉପଚାର ପୂଜା ଏବଂ ହୋମ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗଜାନନ ବେଶ କରାଯାଇଥିଲା। ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଏହି ଗଜାନନ ବେଶ ଦର୍ଶନ ସହିତ ପ୍ରଭୁଙ୍କୁ ସ୍ପର୍ଶ ପାଇବା ପାଇଁ ହଜାର ହଜାର ଭକ୍ତ ଭିଡ ଜମାଇଥିଲେ। ରାତି ଆଠଟା ପରେ ପୂଜାନୀତି ପରେ ଚତୁର୍ଦ୍ଧାମୂର୍ତ୍ତି ଅଣସର ଘରେ ବିଜେ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବଡପଣ୍ଡା ବିଷ୍ଣୁଦାସ ପାଠୀ, ସେବାୟତ ରବିନାରାୟଣ ପାଠୀ, ବଳଦେବ ପଣ୍ଡା, ସୋମନାଥ ପାଣିଗ୍ରାହୀ, ପ୍ରଭୁ ଲୋକନାଥ ପାଠୀ, କୁମାର କୌସ୍ତବ ପାଠୀ ପ୍ରମୁଖ ରୀତିନୀତି କରିଥିଲାବେଳେ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ବ୍ରଜକିଶୋର ଭୂୟାଁ, ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ, ମୁରଲୀ ମୋହନ ସାହୁ, ଇ. ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ମଧୁସୂଦନ ସାହୁ, ପ୍ରଫୁଲ୍ଲ ସାହୁ, ଦିବ୍ୟକାମ ମହାନ୍ତି, ସଞ୍ଜୟ କୁମାର ଦେ, ସମେତ ପରିଚାଳନା କମିଟି ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ଅନନ୍ତପୁର ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା



ସୋର, ୨୨।୬ (ସମିସ): ସୋର ବ୍ଲକ ଅଧିନସ୍ଥ ଶ୍ରୀ ଜଗନ୍ନାଥ ମନ୍ଦିର ଅନନ୍ତପୁରରେ ତିନି ଦିଅଁଙ୍କ ସ୍ନାନ ଯାତ୍ରା ପାଳିତ ହୋଇଯାଇଛି। ଭୋରରୁ ଦିଅଁ ମାନଙ୍କର ମଙ୍ଗଳ ଆଳତି, ମଇଲମ, ଅବକାଶ ନୀତି ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଗୋଟି ପହଣ୍ଡି ରେ ଶହ ଶହ ଶ୍ରଦ୍ଧାଳୁଙ୍କ ଦ୍ୱାରା ଘଣ୍ଟ, ଘଣ୍ଟା, ହୁଳହୁଳି ଜୟ ଜଗନ୍ନାଥ ଧ୍ୱନି ଓ ସଂକୀର୍ତନ ମଧ୍ୟରେ ସ୍ନାନ ମଣ୍ଡପକୁ ଅଣା ଯାଇଥିଲା। ସେବାୟତ ମାନେ ଶ୍ରୀ ସୁଦର୍ଶନ, ପ୍ରଭୁ ବଳଭଦ୍ର, ମା' ସୁଭଦ୍ରା, ଶ୍ରୀ ଜଗନ୍ନାଥଙ୍କୁ ସ୍ନାନ ମଣ୍ଡପରେ ବିଜେ କରାଇଥିଲେ। ସମସ୍ତ ନୀତିକାନ୍ତି ପରେ ୧୦୮ ସୁବାସିତ ଜଳ, କ୍ଷୀରରେ ଶ୍ରୀଜୀଉଙ୍କୁ ସ୍ନାନ କରାଯାଇଥିଲା। ସ୍ନାନ ପରେ ଦିଅଁଙ୍କୁ ସ୍ୱତନ୍ତ୍ର ବେଶରେ ସଜ୍ଜିତ କରହିବା ପରେ ଭକ୍ତ ମାନେ ଦିଅଁଙ୍କୁ ସ୍ନାନ ମଣ୍ଡପରେ ଦର୍ଶନ କରି ଅପୂର୍ବ ଆନନ୍ଦ ଲାଭ କରିଥିଲେ। ଅପରାହ୍ନ ୪ ଟାରେ ଠାକୁର ମାନଙ୍କୁ ଅଣସର ମଣ୍ଡପକୁ ନିଆ ଯାଇଥିଲା। ଏହି ପବିତ୍ର କାର୍ଯ୍ୟକ୍ରମକୁ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ସମସ୍ତ ସେବାୟତ, ସ୍ଥାନୀୟ ଭାଗବତ ଗାଦି ମନ୍ଦିର, ଚିଉଳ, ମା' ତାରିଣୀ ମନ୍ଦିର, ମା ମଙ୍ଗଳା ମନ୍ଦିର, ଅନନ୍ତପୁର, ଗାୟତ୍ରୀ ମନ୍ଦିର ଅଇଁରୀର କର୍ମକର୍ତ୍ତା ଓ ସ୍ଥାନୀୟ ସମସ୍ତ ଯୁବ ପରିଷଦର ସଭ୍ୟ ସଭ୍ୟା ମାନଙ୍କ ସହଯୋଗରେ ସମାପନ ହୋଇଥିଲା।

# ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଦେବସ୍ନାନ ପୂର୍ଣ୍ଣିମା





ନୀଳଗିରି, ୨୨।୬(ସମିସ):

ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇ ଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ତୃତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ନୀଳଗିରି ରଥ ଦାଣ୍ଡରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ସକାଳେ ମହାପ୍ରଭୁ ଜଗନ୍ନାଥ, ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଏବଂ ସୁଦର୍ଶନ ମହାପ୍ରଭୁଙ୍କ ଚତୁର୍ଦ୍ଧା ମୂରତିଙ୍କୁ ପ୍ରଥମେ ମନ୍ଦିର ଭିତର ରତ୍ନ ସିଂହାସନରୁ ଗୋଟି ପହଣ୍ଡିରେ ଆସି ସ୍ନାନ ମଣ୍ଡପରେ ମହାପ୍ରଭୁ ବିରାଜମାନ କରିଥିଲେ। ଏଥିରେ ବଂଶାନୁକ୍ରମିକ ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଛେରା ପହଁରା କରି ମହାପ୍ରଭୁଙ୍କୁ ସ୍ନାନ ବେଦୀକୁ ପାଛୋଟି ନେଇଥିଲେ। ପରମ୍ପରା ଅନୁଯାୟୀ ରୁକ୍ମିଣୀକୁ ବିବାହ ପରେ ଗତକାଲି ଚତୁର୍ଥୀ ରେ ୧୦୮ ଜଳାଧିବାସରେ ୧୮ ପ୍ରକାରର ଔଷଧୀୟ ଦ୍ରବ୍ୟ ପକାଯାଇ ସୁବାସିତ ଜଳରେ ମହାପ୍ରଭୁଙ୍କୁ ସ୍ନାନ କରାଯାଇଥିଲା। ପରେ ବଡ଼ ସିଂହାର ନୀତି ସରିବା ପରେ ମହାପ୍ରଭୁ ଅଣସର ଘରେ ବିଜେ କରିଥିଲେ। ଆଜି ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା। ସକାଳେ ମଙ୍ଗଳା ଆଳତି, ରୋଷ ହୋମ, ଅବକାଶ, ସୂର୍ଯ୍ୟ ପୂଜା, ତଡ଼ପ ଉତ୍ତରୀୟ ବେଶ, ପରେ ମହାପ୍ରଭୁ ସ୍ନାନ ମଣ୍ଡପ କୁ ଆସିଥିଲେ। ୧୦୮ କଳସରେ ଅଗରୁ, ଚନ୍ଦନ, ସୁବାସିତ ଜଳରେ ମହାପ୍ରଭୁଙ୍କୁ ସ୍ନାନ କରାଇବା ପରେ ଭିଭିନ୍ନ ବସ୍ତ୍ରରେ ପ୍ରଭୁଙ୍କୁ ସୁସଜ୍ଜିତ କରାଯାଇ ଫୁଲ, ଧୂପ, ଦୀପ ରେ ପୂଜାର୍ଚ୍ଚନା କରାଯାଇଥିଲା। ଘଣ୍ଟା, ଘଣ୍ଟି, ଶଙ୍ଖ, ତୁରୀ ଭେରୀ, ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଉଠିଥିଲା ବଡ଼ଦାଣ୍ଡ। ଗଜାନନ ବେଶରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ।

## ଶାସଙ୍ଗ ଶ୍ରୀଜଗନ୍ନାଥଜୀଉ ବିଜେରେ ଦେବସ୍ନାନ ପୂର୍ଣ୍ଣମୀ



ବାଲେଶ୍ୱର, ୨୨।୬(ସମିସ): ସଦର ବ୍ଲକ ଶାସଙ୍ଗ ଶ୍ରୀଜଗନ୍ନାଥ ଜୀଉ ବିଜେରେ ଦେବସ୍ନାନ ପୂର୍ଣ୍ଣମୀ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳ ଆଳତି ପରେ ଶ୍ରୀଜୀଉମାନଙ୍କୁ ଗୋଟି ପହଣ୍ଡିରେ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା। ସ୍ନାନ ମଣ୍ଡପରେ ଅନ୍ୟାନ୍ୟ ନୀତି ପରେ ବଡ଼ଠାକୁରଙ୍କୁ ୩୪ ଗରା, ଜଗନ୍ନାଥଙ୍କୁ ୩୨ ଗରା, ଦେବୀ ସୁଭଦ୍ରାଙ୍କୁ ୨୭ ଗରା ଏବଂ ଚକ୍ରରାଜ ସୁଦର୍ଶନଙ୍କୁ ୧୮ ଗରା ମନ୍ତ୍ର ସୁବାସିତ ଜଳରେ ସ୍ନାନ କରାଯାଇଥିଲା।ଏହାପରେ ଭୋଗ ଏବଂ ଭୋଗ ଆରତୀ ପରେ ଶ୍ରୀଜୀଉମାନଙ୍କୁ ଗଜ ବେଶରେ ଉପବେସିତ କରାଯାଇଥିଲା। ଦିନତମାମ ଗଜବେଶରେ ଠାକୁରମାନେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟାରେ ସ୍ନାନ ବେଦିରେ ଶ୍ରୀଜୀଉମାନଙ୍କ ସଂଧ୍ୟାନୀତି ପରେ ଅନ୍ନଭୋଗ ଲାଗି ହୋଇ ଅଣସର ବେଦୀକୁ ଧାଡି ପହଣ୍ଡିରେ ସେବକମାନେ ବିଜେ କରାଇଥିଲେ। ପରେ ସ୍ଥାନୀୟ ନୋସି ବିଜନେସ ପାର୍କରୁ ପ୍ରସ୍ତୁତ ପଟିଦିଅଁ ମାନଙ୍କୁ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ଆଣି ମନ୍ଦିରରେଶ୍ରୀଜୀଉମାନେଅନବସରରେଥିବା ହେତୁ ଦର୍ଶନ ଦେଉନଥିବାରୁ ବଦଠାକୁର ଅନନ୍ତ ବାସୁଦେବ, ମାଁ ସୁଭଦ୍ରା ଭୁବନେଶ୍ୱରୀ ଏବଂ ଶ୍ରୀଜଗନ୍ନାଥ ଅନନ୍ତନାରାୟଣ ପଟିଦିଅଁ ଭାବେ ସ୍ଥାପିତ ହୋଇଥିଲେ।

## ଭଞ୍ଜଛଡା ଶ୍ରୀଜଗନ୍ନାଥ ମନ୍ଦିର



ବାଲେଶ୍ୱର, ୨୨।୬(ସମିସ): ବାଲେଶ୍ୱର ଓ ମୟୁରଭଞ୍ଜ ଜିଲ୍ଲା ସୀମାରେ ଥିବା ରାଉତରାପୁର ର ଭଞ୍ଜଛଡା ଗ୍ରାମରେ ଥିବା ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଶନିବାର ପୂର୍ବାହ୍ନରେ ତିନି ଠାକୁରଙ୍କ ସ୍ନାନ ଯାତ୍ରା ସମ୍ପନ୍ନ ହୋଇ ଯାଇଛି। ଦେବସ୍ନାନ ପୁର୍ଣିମା ଅବସରରେ ସକାଳୁ ମଙ୍ଗଳ ଆଳତି, ଅବକାଶ, ସୂର୍ଯ୍ୟ ପୂଜା, ଗୁରୁ ପୂଜା, ସମ୍ପନ୍ନ ହୋଇଥଲା। ପ୍ରାୟ ଏଗାରଟା ସମୟରେ ଗୋଟି ପହଣ୍ଡିରେ ତିନି ଠାକୁରଙ୍କୁ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା। ସ୍ନାନ ମଣ୍ଡପରେ ବଡ଼ ଭାଇ ଶ୍ରୀ ବଳଭଦ୍ର, ସାନ ଭଉଣୀ ମା ସୁଭଦ୍ରା, ସାନ ଭାଇଶ୍ରୀ ଜଗନ୍ନାଥ ଏବଂ ସୁଦର୍ଶନ ନାରାୟଣଙ୍କୁ ବିଜେ କରାଯାଇ ଥିଲା। ମହାରାଜା ବେଶରେ ପ୍ରଭାତ ବିଶ୍ୱାଳ ଛେରା ପହଁରା କରିଥିଲେ। ଏହି ଅବସରରେ ତିନି ଠାକୁର ଓ ସୁଦର୍ଶନ ନାରାୟଣଙ୍କୁ ଅଭିମନ୍ତ୍ରିତ ସୁବାସିତ ଜଳ ସହିତ ୧୦୮ ଗଗରା ଜଳରେ ସ୍ନାନ କରାଯାଇଥିଲା। ସନ୍ଧ୍ୟାରେ ତିନି ଠାକୁର ଗଜ ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେ। ଅଧିକ ସ୍ନାନ ଯୋଗୁଁ ତିନି ଠାକୁର ପ୍ରବଳ ଜ୍ୱରରେ ପୀଡିତ ହୋଇଥିବାରୁ ଠାକୁର ମାନଙ୍କୁ ଅଣସର ଘରେ ରଖାଯାଇ ସେବା ସୃଶ୍ରୁଷା କରାଯିବ। ତେଣୁ ଆଗାମୀ କାଲି ଠାରୁ ଠାକୁର ମାନଙ୍କ ଦର୍ଶନ ମିଳିବ ନାହିଁ। ତେର ଦିନ ପରେ ତିନି ଠାକୁର ରଥ ରେ ଚଢି ଭକ୍ତ ମାନଙ୍କୁ ଦର୍ଶନ ଦେବେ। ଆଜିର କାର୍ଯ୍ୟକ୍ରମରେ ମନ୍ଦିର କମିଟି ସଭାପତି ସତ୍ୟବ୍ରତ ମିଶ୍ର, ରେମୁଣା ର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ମନ୍ଦିରର ମୁଖ୍ୟ ପୂଜକ ସୁବ୍ରତ ମିଶ୍ର, ପଣ୍ଡିତ ଦୟାନିଧି ରଥ ଶର୍ମା, ତାପସ ମହାପାତ୍ର, ମାୟାଧର ତ୍ରିପାଠୀ, ସନତ ମିଶ୍ର, ଜିତେନ୍ ମହାପାତ୍ର, ପ୍ରଦୀପ ପଣ୍ଡା, ସତ୍ୟାନନ୍ଦ ଦ୍ୱିବେଦୀ, ରାମ ନାରାୟଣ ବେହେରା, ପ୍ରଶାନ୍ତ ବରାଳ, ରବି ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉପଦେଷ୍ଟା ଭାଗବତ ବିନ୍ଧାଣି, ଅଶୋକ ମହାନ୍ନା, ଗଜେନ୍ଦ୍ର ସାହୁ, ସନ୍ତୋଷ ସାହୁ, ଯୋଗେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବାଣ୍ଠିଆ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା



ବାଲେଶ୍ୱର, ୨୨।୬(ସମିସ): ବାଣ୍ଠିଆ ଜଗନ୍ନାଥ ମନ୍ଦିର ସମେତ ଅନ୍ୟ ଜଗନ୍ନାଥ ମନ୍ଦିରରେ ଦେବ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଛି। ଆଜି ସକାଳେ ଶ୍ରୀଜୀଉମାନଙ୍କୁ ରତ୍ନବେଦୀରୁ ଅଣାଯାଇ ସ୍ନାନ ମଣ୍ଡପରେ ରଖାଯାଇ ୧୦୮ କଳସୀରେ ଗାଧୁଆ ହୋଇଥିଲା। ଛେରା ପହଁରା ନୀତି ସମ୍ପନ୍ନ ହେବା ପରେ ଶ୍ରୀ ଜୀଉଙ୍କ ଦୁର୍ଲଭ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। ବହୁ ଭକ୍ତମାନେ ଆସି ଶ୍ରୀ ଜୀଉଙ୍କ ଦର୍ଶନ କରିଥିଲେ।

## ରସିଦପୁର କୃପାକ୍ଷେତ୍ରରେ ସ୍ନାନପୂର୍ଣ୍ଣମୀ



ଚୌକି, ୨୨।୬(ସମିସ) : ଭୋଗରାଇ ବ୍ଲକର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଆଜି ମହା ସ୍ନାନପୂର୍ଣ୍ଣମା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଅନ୍ୟତମ ରସିଦପୁର କୃପାକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁ, ସୁଭଦ୍ରା ଦେବୀ, ବଳଭଦ୍ର ଜୀଉ ଓ ସୁଦର୍ଶନଙ୍କୁ ସ୍ନାନବେଦୀ ରେ ବିଜେ କରାଯାଇ ସମସ୍ତ ନୀତିକାନ୍ତି ସମାପନ କରାଯାଇଥିଲା। ଏହି ଅବସରରେ ମନ୍ଦିରକୁ ସୁସଜ୍ଜିତ କରାଯିବା ସହିତ ମହାପ୍ରଭୁଙ୍କ ବେଦୀକୁ ମଧ୍ୟ ସୁସଜ୍ଜିତ କରାଯାଇଥିଲା। ଟ୍ରଷ୍ଟ ବୋର୍ଡ ସଭାପତି ଶ୍ରୀକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ମହାପ୍ରଭୁ ମାନଙ୍କୁ ସ୍ନାନ କରାଯିବା ପରେ ଉପସ୍ଥିତ ସମସ୍ତ ଭକ୍ତ ମାନଂକୁ ପ୍ରସାଦ ଅର୍ପଣ କରାଯାଇଥିଲା। ଟ୍ରଷ୍ଟ ବୋର୍ଡ ସମ୍ପାଦକ ନଟରଞ୍ଜନ ଘରାଇ, ମୁଖ୍ୟ ସେବାୟତ ଅରବିନ୍ଦ କର, ରାମକୃଷ୍ଣ ଦାସ ଅଧିକାରୀ, ବିମଳ ଚନ୍ଦ୍ର, ସୁଧିର ଜେନା, ଖଗେନ୍ଦ୍ର ଦାସ ପ୍ରମୁଖ ସମସ୍ତ ସେବାୟତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଗାଁ ପୁଅକୁ ସ୍ୱାଗତ ପାଇଁ ରାସ୍ତା ମରାମତି କଲେ ଗ୍ରାମବାସୀ

କେନ୍ଦୁଝର, ୨୨।୬ (ସମିସ)

ଗାଁର ପୁଅ ପ୍ରଥମେ ସରପଞ୍ଚ, ବିଧାୟକ ଓ ବିଧାୟକରୁ ମୁଖ୍ୟମନ୍ତ୍ରୀ ହେବା ପରେ ଗ୍ରାମବାସୀଙ୍କର ଛାତି କୁଣ୍ଢେମୋଟ ହେଉଛି। ତେଣୁ ଯେତେବେଳେ ନିଜ ଗାଁକୁ ଆସୁଛନ୍ତି ତାଙ୍କ ଗାଁ ପୁଅ ତଥା ମୁଖ୍ୟମନ୍ତ୍ରୀ ସେତେବେଳେ ଗାଁ ଲୋକ ଏକାଠି ହୋଇ ତାଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରଥମ କରି ତାଙ୍କର ପୁଅ ଗାଁକୁ ଆସୁଥିବା ଖବର ପାଇ ଗାଁ ଲୋକ ଏକାଠି ହୋଇ ଗାଁକୁ ସଫା କରିବା ସହ ଗାଁ ରାସ୍ତା କାମ କରିବାରେ ଲାଗି ପଡିଛନ୍ତି। ତା' ପୁଣି ଶ୍ରମଦାନ କରି। ଆଶା ସେ ଗାଁ ପାଇଁ ଅନେକ କିଛି କରିବେ। ଆବାଳ ବୃଦ୍ଧ, ବନିତା ସମସ୍ତେ ଏକ ହୋଇ ଲାଗିଛନ୍ତି ସଫା ସୁତୁରା କାମରେ। ସ୍ୱାଗତ କରିବା ପାଇଁ ସମସ୍ତେ ହେଉଛନ୍ତି ପ୍ରସ୍ତୁତ। ଏଭଳି ଘଟଣା ଦେଖିବାକୁ ମିଳିଛି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିଜ ଗାଁ ରାଇକଳାରେ। ମୁଖ୍ୟମନ୍ତ୍ରୀ ଦୁଇଦିନିଆ ଗସ୍ତରେ ଆସି ରାଇକଳା ନିଜ ଗାଁକୁ ଯିବାର କାର୍ଯ୍ୟକ୍ରମ ଥିବାରୁ ଏଭଳି ଉତ୍ସାହ ଦେଖାଇଛନ୍ତି।



## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ବିଜେପି ଶିବିର ଉତ୍ସାହିତ

**ଆନନ୍ଦପୁର,୨୨।୬(ସମିସ):** ରାଜ୍ୟରେ ଶାସନ ଦାୟିତ୍ୱ ନେଇଥିବା ବିଜେପି ସରକାର ଓ କେନ୍ଦୁଝର ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ପଦବୀ ଅଳଙ୍କୃତ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଥମ କେନ୍ଦୁଝର ଗସ୍ତ ଯୋଗୁଁ ବିଜେପି କର୍ମୀ ଓ ନେତୃବୃନ୍ଦଙ୍କ ମଧ୍ୟରେ ଆନନ୍ଦ ଉତ୍ସାହ ପ୍ରକାଶ ପାଇଛି। ଆନନ୍ଦପୁର ଓ ଘସିପୁରା ନିର୍ବାଚନମଣ୍ଡଳୀର ବିଜେପିର ନେତୃବୃନ୍ଦ ଓ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ବିଜେପି ଶିବିରରେ ବେଶ୍ ଉତ୍କଣ୍ଠା ପରିଲକ୍ଷିତ ହୋଇଛି। ବିଜେପି ନେତା ରାମଚନ୍ଦ୍ର ସାହୁ, ମହେଶ୍ୱର ସାହୁ, ଡ. ଶମ୍ଭୁନାଥ ରାଉତ, ଆଲୋକ ସେଠୀ, ତ୍ରିଲୋଚନ ଦାଶ, ପ୍ରଶାନ୍ତ କୁମାର ମହାପାତ୍ର, ପ୍ରଣବ ପୁହାଣ, ଅଧ୍ୟାପକ ପନଚାନନ ରାଉତ, ଗୋଲକ ଜେନା, ଭଗବାନ ମହାରଣା, ରମଣୀ ଚକ୍ର, ତୀର୍ଥବାସୀ ଜେନା, ଯୁବ ନେତା ମାନସ ସାହୁ, ସନ୍ଦୀପ ଜେନା, ବାମନ ଭୂୟାଁ, ଶ୍ରୀଧର ମହାନ୍ତ, ସନ୍ତୋଷ ଜେନା ପ୍ରମୁଖ କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତାମାନଙ୍କ ବୈଠକକରାଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ପରାମର୍ଶ ଦେଇଥିବା ଜଣାଯାଇଛି।

## ଜଳିଗଲା ମୋବାଇଲ ଟାୱାର



**ରାମଚନ୍ଦ୍ରପୁର,୨୨।୬(ସମିସ):** ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଜଳିଗଲା ମୋବାଇଲ ଟାୱାର। ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ମଙ୍ଗଳାଗଡିଆ ଗାଁରେ ଥିବା ଏୟାରଟେଲ କମ୍ପାନୀର ମୋବାଇଲ ଟାୱାର ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଜଳିଯିବା ସହ ମୋବାଇଲ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଛି। ଆଜି ସକାଳେ ହଠାତ ମୋବାଇଲ ଟାୱାରରୁ ଧୂଆଁ ବାହାରିବାରୁ ଲୋକେ ଘରିଯାଇ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜଳି ପୋଡ଼ି ଭସ୍ମିଭୂତ ହୋଇଯାଇଥିବା ଜଣାପଡ଼ିଛି। ଖବର ପାଇ ମୋବାଇଲ କମ୍ପାନୀର ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ମୋବାଇଲ ଟାୱାର ସେବା ସ୍ୱାଭାବିକ କରିବାକୁ ଉଦ୍ୟମ ଜାରି ରଖିଛନ୍ତି।

## ପୀଡ଼ିତ ପରିବାରଙ୍କୁ ନ୍ୟାୟ ମିଳୁ ନ ଥିବା ଅଭିଯୋଗ

**ତେଲକୋଇ,୨୨।୬(ସମିସ):** ତେଲକୋଇ ଥାନାରେ ପୀଡ଼ିତ ପରିବାରକୁ ନ୍ୟାୟ ମିଳୁ ନ ଥିବା ନେଇ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଗତ ୧୬ ତାରଖ କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ଖୁଣ୍ଟାପଡା ଗାଁ ମନ୍ଦିର ସାହିର ଘନ ପଲେଇ ଙ୍କ ଝିଅ ନବମ ଶ୍ରେଣୀ ଛାତ୍ରୀ ଙ୍କୁ ଜଣେ ନବମ ଶ୍ରେଣୀ ଛାତ୍ର ଅପହରଣ କରି ନେଇଥିବା ନେଇ ଛାତ୍ରୀ ଙ୍କ ପରିବାର ପକ୍ଷରୁ ତେଲକୋଇ ଥାନାରେ ଅଭିଯୋଗ ହୋଇଥିଲା। ତେବେ ଆଠ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ସନ୍ତୋଷ ଜନକ ହୋଇ ନଥିବା ଛାତ୍ରୀଙ୍କ ପରିବାର ଅଭିଯୋଗ ଆଣିଛନ୍ତି। ଅନ୍ୟ ପକ୍ଷରେ ଛାତ୍ରୀ ଜଣଙ୍କୁ ପ୍ରଲୋଭନ ଦେଖାଇ ଅପହରଣ କରାଯାଇଥିବା ଓ ଦୁଷ୍କର୍ମ ହୋଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ସୂଚନା ମୁତାବକ ପୁଲିସ ଅନଗୁଳ ଜିଲ୍ଲାରୁ ଛାତ୍ରୀଙ୍କୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଥିବା ବେଳେ ଅଭିଯୁକ୍ତ ଅପହରଣକାରୀ ନାବାଳକକୁ ଗିରଫ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀ ପରିବାରକୁ ପ୍ରତିଦିନ ଥାନାକୁ ଡାକି ହଇରାଣ କରାଯାଉଥିବା ବେଳେ ଅଭିଯୁକ୍ତ ପରିବାରକୁ ପୁଲିସ ଘଣ୍ଟ ଘୋଡାଉଥିବା ଅଭିଯୋଗ ହେଉଛି। ପ୍ରକାଶ ଥାଉକି ଝିଅକୁ ଉଦ୍ଧାର ବେଳେ ଅଭିଯୁକ୍ତ ନାବାଳକକୁ ମଧ୍ୟ ପୁଲିସ ଉଦ୍ଧାର କରିଥିଲା। ନ୍ୟାୟ ପ୍ରଦାନ ପାଇଁ ପୀଡ଼ିତ ପରିବାର ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ନେଇ ପ୍ରକାଶ କରିଛନ୍ତି। ଏ ସମ୍ବନ୍ଧରେ ଥାନା ଆଇଆଇସି ସରୋଜକାନ୍ତ ସାମଲଙ୍କୁ ପଚାରିବାରୁ ସେ କହିଲେ ଯେ ଅଭିଯୁକ୍ତ ନାବାଳକକୁ ତୁରନ୍ତ ଗିରଫ କରାଯିବ।

## ଯୋଗ ଦିବସ ପାଳିତ

**ଆନନ୍ଦପୁର, ୨୨।୬ (ସମିସ):** ଆନନ୍ଦପୁର ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ. ଶ୍ରୀକାନ୍ତ ପଟେଲଙ୍କ ତତ୍ତ୍ୱାବଧାନରେ ଏବଂ ଏନ୍‌ସିସି ଅଫିସର ରଘୁଦୀପ୍ତି ନାୟକ ଓ ଏନ୍‌ଏସ୍‌ଏସ୍ ଅଫିସର ଓଜେଲ୍ ପଟ୍ଟନାୟକଙ୍କ ସଂଯୋଜନାରେ ଯୋଗ ଦିବସଟି ପାଳିତ ହୋଇଯାଇଛି। ଶାଳପଡା ବିଦ୍ୟାଳୟ ପୂର୍ବତନ ଶିକ୍ଷକ ପ୍ରଫୁଲ୍ଲ ସାର୍ ଛାତ୍ରଛାତ୍ରୀଙ୍କୁ ଯୋଗ ଶିଖାଇଥିଲେ। ଆନନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମଣ୍ଡପଠାରେ ଯୋଗଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ହରେକୃଷ୍ଣ ପତି, ସଭାପତି ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ସମ୍ପାଦିକା ଉଷାରାଣୀ ଜେନା, ସଦସ୍ୟ ଅଜିତ୍ କୁମାର ନାୟକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ। ବିଦ୍ୟାଳୟର ଯୋଗ ଗୁରୁମା ମାନସ ମଞ୍ଜରି ସାହୁ ଯୋଗାଭ୍ୟାସ କରିଥିଲେ। ଏହି ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଦିବା ପର୍ଯ୍ୟାୟ ପ୍ରମୁଖ ପଙ୍କଜ କୁମାର ମହାନ୍ତି, ଶାରୀରିକ ପ୍ରମୁଖ ହେମନ୍ତ କୁମାର ସାହୁ, ଆଚାର୍ଯ୍ୟା ବିଷ୍ଣୁପ୍ରିୟା ସାହୁ ଏବଂ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ଶିଶୁ ଭାଇ ଓ ଭଉଣୀ ଅଂଶଗ୍ରହଣ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ଆନନ୍ଦପୁର,୨୨।୬(ସମିସ):** ଘସପୁରା ବ୍ଲକ ବାତୋ ପଞ୍ଚାୟତର ଅତା ରଙ୍ଗାଧର ସ୍ମୃତି ବିଦ୍ୟାପୀଠର ପଧାନ ଶିକ୍ଷକ ଅର୍ଜୁନ ଚରଣ ପାଗଳଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ତତ୍ପୋଠାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ରହି ପ୍ରଧାନ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ବାଜାବାଣ ଫୁଟାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ନିଜ ବାସଭବନକୁ ନେଇଥିଲେ। ପରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରୀନାରାୟଣ ପାତ୍ର, ବ୍ଲକ ଶିକ୍ଷା ଅଧିକାରୀ ତପୋଧନ ସ୍ୱାଇଁ, ଶିକ୍ଷାବିତ ଶରତ ରାଉତ, ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାପାତ୍ର ଜୟଦେବ ସାହୁ ରଞ୍ଜନ ଘଡେଇ ଶତ୍ରୁଘ୍ନ ସାହୁ ନରେଶ ଚନ୍ଦ୍ର ପତି ଶରତ ଚନ୍ଦ୍ର ବାରିକ ମାର୍କଣ୍ଡ ପଣ୍ଡା ଭୀମସେନ ନାଥ ପ୍ରଦ୍ୟୁମ୍ନ ବାରିକ ତରଣୀ ସେନ ବରାଳ ଅଭିମନ୍ୟୁ ନାଥ ଯୋଗ ଦେଇ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଶ୍ରୀ ପାଗଳ ଙ୍କ ସୁସ୍ଥ ନୀରାମୟ ଜୀବନ କାମନା କରିଥିଲେ ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ପାଗଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍ ଡ୍ରାଇଭରଙ୍କୁ ଆକ୍ରମଣ ଓ ଲୁଟ୍



**ଯୋଡା,୨୨।୬(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣି ଠାରେ ଶୁକ୍ରବାର ମଧ୍ୟରାତ୍ରରେ ଏକ ଗାଡ଼ିର ଡ୍ରାଇଭରକୁ ମାରଣାସ୍ତ୍ର ଦେଖାଇ ଆକ୍ରମଣ କରି ଲହୁଲୁହାଣ କରି ମୋବାଇଲ ଲୁଟ୍ କରି ନେଇଥିବା ଅଭିଯୋଗ ହୋଇଛି। ପୀଡ଼ିତ ଡ୍ରାଇଭର ଏମ୍‌ଡି ଇଜାଜ ଆନସାରୀଙ୍କ କହିବାନୁଯାୟୀ ୪ରୁ ୫ ଜଣ ଯୁବକ ହାତରେ ଭୁଜାଲି, କାଠ ଫାଳିଆ ଓ ମାରଣାସ୍ତ୍ର ଧରି ଗାଡିକୁ ଅଟକାଇଥିଲେ। ଗାଡି ଅଟକିଯିବା ପରେ ଦୁର୍ବୃର୍ତ୍ତମାନେ ଗାଡି ଭିତରକୁ ପଶି ଲୁଟ ପରେ ମାରଣାସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଆକ୍ରମଣରେ ଡ୍ରାଇଭରର ମୁଣ୍ଡ ଓ କାନମୂଳିରେ ଗଭୀର କ୍ଷତ ହୋଇ ରକ୍ତସ୍ରାବ ହୋଇଥିଲା। ପରେ ଚିକିତ୍ସା ନିମନ୍ତେ ଯୋଡ଼ା ଟାଟାଷ୍ଟିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଖବର ହସ୍ତଗତ ହୋଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଡ୍ରାଇଭର ପକ୍ଷରୁ ଯୋଡ଼ା ଥାନାରେ କୌଣସି ଅଭିଯୋଗ କରାଯାଇନଥିଲା।

## ଡାଲି ଜାତୀୟ ଫସଲ ଉପରେ ତାଲିମ



**ତେଲକୋଇ,୨୨।୬(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ କୃଷି କାର୍ଯ୍ୟାଳୟ କୃଷି ପରାମର୍ଶ କେନ୍ଦ୍ର ଠାରେ ଶନିବାର ଚାଷୀମାନଙ୍କୁ କ୍ଷେତ୍ର ଦିବସ ଅବସରରେ ଡାଲି ଜାତୀୟ ଫସଲ ଉପରେ ତାଲିମ ପ୍ରଦାନ କରାଯାଇଛି। ଏଥିରେ ଜିଲ୍ଲା କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ, ବ୍ଲକ କୃଷି ଅଧିକାରୀ ଦାୟିତ୍ୱରେ ଥିବା ଲକ୍ଷ୍ମୀ ଶର୍ମା, କ୍ଷେତ୍ର ଅଧିଦର୍ଶକ ମନୋଜ କୁମାର ଦାସ ପ୍ରମୁଖ ସାମିଲ ରହିଥିଲେ। ତେବେ ଚାଷୀଙ୍କୁ ଡାଲିଜାତୀୟ ଫସଲ ଡାଲି ଜାତୀୟ ଫସଲର ଉତ୍ପାଦନ କ୍ଷମତା ଓ ଚାଷର ପ୍ରଣାଳୀକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ମାଟିର ଉର୍ବରତାକୁ ଏହି ତାଲିମରେ ଚାଷୀ ମାନଙ୍କୁ ଜିଲ୍ଲା କୃଷି ଅଧିକାରୀ ଅବଗତ କରିଥିଲେ। ସେହିପରି କ୍ଷେତ୍ର ଦିବସରେ ରାଜ୍ୟ ଯୋଜନା ରହିଥିବା ବେଳେ ତେଲକୋଇ ପଞ୍ଚାୟତର ହାଲପୋଡ଼ି ଗ୍ରାମର ଶତାଧିକ ଚାଷୀ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥଲେ।

## ସରୁନି କେନାଲ ମରାମତି କାର୍ଯ୍ୟ

**ହାଟଡ଼ିହୀ,୨୨।୬(ସମିସ):** କେନ୍ଦୁଝର ଜିଲ୍ଲା ବିଦ୍ୟାଧରପୁର ଜଳସେଚନ ବିଭାଗ ଅଧୀନରେ ଥିବା ବିଦ୍ୟାଧରପୁର ଠାରୁ ପନ୍ଦାଡୋ ଜିରୋ ପଏଣ୍ଟ ଯାଏଁ କେନାଲରେ ବିଭିନ୍ନ ଭଗ୍ନ ସ୍ଥାନର ମରାମତି କାର୍ଯ୍ୟ ଗତ ୪ମାସ ପୂର୍ବେ ଆରମ୍ଭ ହୋଇଥିଲେ ସୁଦ୍ଧା ତାହା ସମ୍ପୂର୍ଣ୍ଣ ହୋଇନଥିବା ଦେଖାଯାଇଛି। କେନାଲ ମଝିରେ ମରାମତି ସାମଗ୍ରୀ ଗୁଡ଼ିକ କୁଢ଼ କୁଢ଼ ହୋଇ ପାହାଡ଼ ସଦୃଶ୍ୟ ପଡ଼ିଥିବା ଦେଖାଯାଇଛି। ତେବେ ମୌସୁମୀ ଆସିବାରେ ବିଳମ୍ବ ହୋଇଥିଲେ ସୁଦ୍ଧା ପାଣିପାଗ ବିଭାଗରୁ ଯାହା ଜଣାପଡ଼ିଛି ଖୁବ ଅଳ୍ପଦିନ ମଧ୍ୟରେ ମୌସୁମୀ ବର୍ଷା ଭିଜାଇବ। ଏପରିସ୍ଥଳେ ମରାମତି କାମ ନସରିବା ଏବଂ କିଛି କିଛି ସ୍ଥାନର ମରାମତି କାର୍ଯ୍ୟ ଖୁବ ନିମ୍ନମାନର ହେଉଥିବା ନେଇ ଜନସାଧାରଣରେ ଆଲୋଚନା ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଯତ୍ନବାନ ହୋଇ ନିର୍ମାଣଧିନ କାର୍ଯ୍ୟକୁ ସଠିକ ଭାବେ ତଦାରଖ କରୁନଥିବା ନେଇ ଅନେକାଂଶରେ କୁହାଯାଉଛି। ଏଥିପ୍ରତି ଆନନ୍ଦପୁର ଉପଜିଲ୍ଲାପାଳ ଏବଂ ବିଧାୟକ ଅଭିମନ୍ୟୁ ସେଠୀ ଦୃଷ୍ଟି ଦେବାକୁ ଦାବି ହେଉଛି।



### ପାରିଶ୍ରମିକ ନପାଇ ଚିନ୍ତାରେ ଆଦିବାସୀ ଶ୍ରମିକ

## ଧରାଛୁଆଁ ଦେଉନି କି ଟଙ୍କା ଦେବାକୁ ନାଁ ଧରୁନି ଠିକାଦାର



**ହାଟଡ଼ିହୀ,୨୨।୬(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡ଼ା ଫାଣ୍ଡି ଅନ୍ତର୍ଗତ ବାରତୁଣିଆ ଗ୍ରାମର ଦେବରାଜ ମୁଣ୍ଡାଙ୍କ ପୁଅ ବିଶ୍ୱନାଥ ମୁଣ୍ଡା କୌଣସି କାରଣରୁ ଜିଲ୍ଲାର ସୋସୋ ଥାନା ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମର ରାମ ମୁଣ୍ଡା(କ), ଶିବୁ ମୁଣ୍ଡା, ଜୟରାମ ମୁଣ୍ଡା, ସାହେବ ହେମ୍ବ୍ରମ, ରାମଚନ୍ଦ୍ର ହେମ୍ବ୍ରମ, ରାମ ମୁଣ୍ଡା(ଖ), ଜାଲିଆ ମୁଣ୍ଡା, ଜଗୁ ମୁଣ୍ଡା ପ୍ରମୁଖଙ୍କ ସହ ଚିହ୍ନା ହୋଇ ସେମାନଙ୍କୁ ରାଜଗାଙ୍ଗପୁର ସ୍ଥିତ ଏମନ-ଶ୍ରୀମନ ପ୍ରାଇଭେଟ ଲିମିଟେଡ଼ ନାମକ ଏକ କମ୍ପାନୀରେ କଂକ୍ରିଟ କାମ କରିବାକୁ ଘରୁ ଡ଼ାକି ନେଇଥିଲେ। ରଙ୍ଗମାଟିଆ ଗ୍ରାମର ଏହି ଯୁବକମାନେ ମାର୍ଚ୍ଚ ୨୮ ତାରିଖରୁ ମୋଟ ୪୪ଦିନ କାମ କରିଥିଲେ ସୁଦ୍ଧା, ଘରୁ ଡାକି ନେଇଥିବା ବିଶ୍ୱନାଥ ସେମାନଙ୍କ ପାରିଶ୍ରମିକ ଦେଉନଥିବା ନେଇ ଯୁବଶ୍ରମିକ ମାନେ ସୋସୋ ଥାନାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ସେଠାରେ ସେମାନଙ୍କୁ ଖାଇବା, ରହିବା ଆଦିର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ସେମାନେ ନିର୍ବାଚନ ପାଇଁ ଘରକୁ ଆସି ପୁନର୍ବାର କାର୍ଯ୍ୟକ୍ଷେତ୍ରକୁ ଫେରିଥିଲେ ସୁଦ୍ଧା ଏଯାଏଁ ତାଙ୍କ ପାରିଶ୍ରମିକ ସେମାନଙ୍କୁ ମିଳିନଥିବା କହିଛନ୍ତି। ଶ୍ରମିକ ଠିକାଦାର ବିଶ୍ୱନାଥ ମୁଣ୍ଡା କମ୍ପାନୀ ଠାରୁ ଏହି ଶ୍ରମିକଙ୍କ ପାରିଶ୍ରମିକ ବାବଦକୁ ଟଙ୍କା ଉଠାଣ କରିନେଇ ଏବେ ଧରାଛୁଆଁ ଦେଉନାହିଁ ବୋଲି ଯୁବଶ୍ରମିକ ମାନେ ଅଭିଯୋଗ କରିଛନ୍ତି। ସେପଟେ ବିଶ୍ୱନାଥ ଏଇ ପିଲାଙ୍କ ସହ ଯୋଗାଯୋଗ କରିବାକୁ ନିଜ ମୋବାଇଲ ନମ୍ବର ଦେଇଥିଲେ ସୁଦ୍ଧା ତାଙ୍କ ନମ୍ବର ଆଦୌ ନଲାଗିବାରୁ ମୁଣ୍ଡଝାଳ ତୁଣ୍ଡରେ ମାରି ଉପାର୍ଜିତ ଟଙ୍କା ପାଣିରେ ପଡ଼ିଗଲା ଭାବି ରଙ୍ଗମାଟିଆ ଯୁବକଙ୍କୁ ଏବେ ଚିନ୍ତା ଘାରିଛି। ତେବେ ଅଭିଯୋଗକାରୀ ଯୁବ ଶ୍ରମିକଙ୍କ ପାରିଶ୍ରମିକ ଟଙ୍କା ସେମାନେ କିପରି ସୁରୁଖୁରୁରେ ପାଇପାରିବେ ସେଥିପାଇଁ ସେମାନେ ସୋସୋ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ସ୍ଥାନୀୟ ପୁଲିସ ପ୍ରଶାସନ ଏଭଳି ଏକ ଅଭିଯୋଗ ଉପରେ ନିଶ୍ଚିତ ଯତ୍ନବାନ ହୋଇ ଏହାର ସମାଧାନ କରିବେ ବୋଲି ଯୁବ ଶ୍ରମିକ ମାନେ ଆଶା ବାନ୍ଧିଛନ୍ତି।

## ବନାଞ୍ଚଳସ୍ତରୀୟ ବନ ସୁରକ୍ଷା ସମିତି ଫୋରମ୍ ବୈଠକ




**ଚମ୍ପୁଆ,୨୨।୬(ସମିସ):** କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଚମ୍ପୁଆ ବନ ବିଭାଗ ଆନୁକୂଲ୍ୟରେ ଆଜି ବନାଞ୍ଚଳସ୍ତରୀୟ ବନ ସୁରକ୍ଷା ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଏଫ୍‌ଏସ୍ ପ୍ରୋବସେନର ରେଞ୍ଜର କେ.ନାଗାରାଜୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ କେନ୍ଦୁଝର ଡିଏଫଓ ଏଚ୍‌ଡି ଧନରାଜ। ଏହି ବୈଠକରେ ଚମ୍ପୁଆ ବନାଞ୍ଚଳର ୩୧ ଗୋଟି ବନ ସୁରକ୍ଷା ସମିତିର ସଭାପତି, ଆନିମେଟର ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନରାଜ ଜଙ୍ଗଲ, ବନ୍ୟଜନ୍ତୁ ଓ ଜଙ୍ଗଲ ପାଖରେ ବସ୍ତି ସ୍ଥାପନ କରୁଥିବା ଗ୍ରାମବାସୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଛଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେଫ ଚମ୍ପୁଆ ଛନାଞ୍ଚଳ ଏକ ସବୁଦିନିଆ ହାତୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ଜଙ୍ଗଲ ଓ ଜଙ୍ଗଲୀ ଜୀବଜନ୍ତୁଙ୍କର ସୁରକ୍ଷା, ଲୋକମାନଙ୍କର ସୁରକ୍ଷା, ଜୀବନଜୀବିକା ଆଦି ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେଫ ବିଭାଗର ତଳସ୍ତରରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଗାଁରେ ବନ ସୁରକ୍ଷା ସମିତି ସହ ସମନ୍ୱୟ ରକ୍ଷାକରି ହାତୀ ଆଗମନର ଆଗୁଆ ସୂଚନା ଲୋକଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ଜୁଲାଇ ୧ ରୁ ୭ ତାରିଖ ମଧ୍ୟରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ପଞ୍ଚାୟତର ସମସ୍ତ ଗ୍ରାମରେ କିପରି ଅଧିକରୁ ଅଧିକ ଚାରାରୋପଣ କରାଯାଇ ପାରିବ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ବିଭାଗ ଦ୍ୱାରା ପ୍ରସ୍ତୁତ ଜିଆ ସାର ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ବନ ସୁରକ୍ଷା ସମିତିର ସଦସ୍ୟମାନେ ସେମାନଙ୍କ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଡିଏଫ୍‌ଓଙ୍କ ସହ ଖୋଲା ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ ଅକ୍ଷୟ ଛତ୍ରିଆ, ଚମ୍ପୁଆ ବନପାଳ ନଗେନ୍ଦ୍ର ଜେନା, ଉଖୁଣ୍ଡା ବନପାଳ ପ୍ରମୋଦ ବେହେରା, ବାଲିବନ୍ଧ ବନପାଳ ବୁଲୁ ନାହାକ, ଯୋଡାର ତ୍ରିନାଥ ଜେନା, ଫରେଷ୍ଟଗାର୍ଡ ସୁନୀତା ବାଘେଲ, ଜ୍ୟୋତିରୂପା ପାଣି, କୁନ୍ତଳା ମହାନ୍ତ, ଶ୍ରାବଣୀ ମହାନ୍ତ, ସାଗରିକା ବେଜ, ସୁରଜ୍ ଦାଶ, କିରାଣି ମହାନ୍ତ, ନୀଲମ ମହାନ୍ତ, ବିନୋଦ ବେହେରା ଓ ସୁବ୍ରତ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

● ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

## ବକ୍ରପାଦ ସଚେତନତା ମାସ ପାଳିତ

**କେନ୍ଦୁଝର,୨୨।୬(ସମିସ):** ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହରେ ଜାତୀୟ ବକ୍ରପାଦ ସଚେତନତା ମାସ ପାଳିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ପୃଷ୍ଟି ଯୋଗ ଦେଇ କହିଥିଲେ ଯେ ଜାତୀୟ ସ୍ତରରେ ପ୍ରତିବର୍ଷ ଜୁନ୍ ୩ ତାରିଖକୁ ଜାତୀୟ ବକ୍ରପାଦ ସଚେତନତା ଦିବସ ରୂପେ ପାଳନ କରାଯାଇଆସୁଅଛି। ବକ୍ରପାଦ ଏକ ଜନ୍ମଗତ ତ୍ରୁଟି। ଏହାକୁ ଶୈଶବ ଅବସ୍ଥାରେ ଯେତେ ଶୀଘ୍ର ସମ୍ଭବ ଚିହ୍ନଟ କରି ତାହାର ଉପଯୁକ୍ତ ଚିକିତ୍ସା କରାଇନେବା ଆବଶ୍ୟକ। ଏହି ଚିକିତ୍ସା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଜିଲ୍ଲା ସଅଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର (ଡିଇଆଇସି) ଠାରେ ବିନା ମୂଲ୍ୟରେ ଉପଲବ୍ଧ କରାଯାଉଛି। ଏହାର ସୁଯୋଗ ନେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନେ ଯଥା- ଧରଣୀଧର ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲର ଅଧକ୍ଷ ଡା. ମହେନ୍ଦ୍ର କୁମାର ନାୟକ, ପ୍ରଫେସର ତଥା ବିଭାଗୀୟ ମୁଖ୍ୟ (ଶିଶୁରୋଗ) ଡା. ସାଧନା ପଣ୍ଡା, ଆସୋସିଏଟ୍ ପ୍ରଫେସର (ଅସ୍ଥିଶଲ୍ୟ ବିଭାଗ) ଡା. ସୁରାଇ ସୋରେନ୍, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରମୁଖ ଯୋଗଦେଇ ବକ୍ରପାଦ ସଚେତନତା ଏବଂ ଏହାର ଚିକିତ୍ସା ବିଷୟରେ ନିଜ ନିଜର ମତସାବ୍ୟସ୍ତ କରିଥିଲେ। ଜିଲ୍ଲାର ସମସ୍ତ ଆର୍‌ବିଏସ୍‌କେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଦଳର ସଦସ୍ୟ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବକ୍ରପାଦଜନିତ ଚିକିତ୍ସା ସେବା ପାଇ ଉପକୃତ ହୋଇଥିବା ହିତାଧିକାରୀ ଏବଂ ତାଙ୍କର ଅଭିଭାବକମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପାଇଥିବା ସେବା ପାଇଁ ଖୁସି ହେବା ସହିତ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଆର୍‌ବିଏସ୍‌କେ ମ୍ୟାନେଜର ବିଜନ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିଆଇଇସିର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।



### ତଦନ୍ତର ୪ ଘଣ୍ଟା ପରେ ପୁଣି ଲୁଟିଲେ ବାଲିଘାଟ

## ଖଣି ବିଭାଗ ପକ୍ଷରୁ ଜାରି ହେଲା ସ୍ଥଗିତାଦେଶ

ଆନନ୍ଦପୁର,୨୨।୬(ସମିସ)

ବୈତରଣୀ ନଦୀର ଆନନ୍ଦପୁର ବାଲିଘାଟରୁ ମାତ୍ରାଧିକ ବାଲି ପରିବହନକୁ ନେଇ ହୋଇଥିବା ଅଭିଯୋଗର ତଦନ୍ତ କରାଯାଇ ବାଲି ଉତ୍ତୋଳନକୁ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ତଦନ୍ତର ୪ ଘଣ୍ଟା ପରେ ପୁଣି ଲୁଟପାଟ ହେଲା ବୈତରଣୀ ନଦୀରୁ ବାଲି। ତଦନ୍ତକାରୀ ଅଧିକାରୀଙ୍କ ଉପସ୍ଥିତ ଯୋଗୁ ବିଭିନ୍ନ ସ୍ଥାନରେ ଛପି ରହିଥିବା ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ହାଇୱାରେ ରାତିତମାମ ବାଲି ପରିବହନ ହେବା ଘଟଣା ବିଭାଗୀୟ ଅଧିକାରୀଙ୍କ ପ୍ରତି ସନ୍ଦେହ ସୃଷ୍ଟି କରିଛି। ଏନେଇ ଖଣି ବିଭାଗର ଆନନ୍ଦପୁରରେ ରହୁଥିବା ଅଧିକାରୀ ତାରିଣୀ ପ୍ରସାଦ ସିଂଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ନିର୍ଦ୍ଦେଶନାମା ଜାରି ସତ୍ତ୍ୱେ ବାଲି ପରିବହନ ହେଉଥିବାରୁ ଆଜି ପଟ୍ଟାଦାରଙ୍କୁ ସ୍ଥଗିତାଦେଶ ଜାରି କରାଯାଇଛି ବୋଲି ପ୍ରକାଶ କରିଛନ୍ତି। ଏହି ନିର୍ଦ୍ଦେଶନାମାର ନକଲ ଆନନ୍ଦପୁର ଉପଜିଲ୍ଲାପାଳ, ପୁଲିସ ଏସ୍‌ଡିପିଓ ଓ ଆନନ୍ଦପୁର ଥାନା ଅଧିକାରୀଙ୍କୁ ଦିଆଯାଇଛି ବୋଲି ପ୍ରକାଶ କରିଛନ୍ତି। ତେବେ ତଦନ୍ତର କିଛି ସମୟ ପରେ ଶୁକ୍ରବାର ରାତିରୁ ଏଯାବତ ବାଲି ପରିବହନ ଚାଲିଥିବାରୁ ଏପରି କାରବାର ପଛରେ ଖଣି ବିଭାଗ ଅଧିକାରୀଙ୍କ ଅନୁକମ୍ପା ରହୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଖଣି ବିଭାଗ ଅଧିକାରୀଙ୍କ ସଂପୃକ୍ତି ନେଇ ଆଜି ସାମାଜିକ ଗଣମାଧ୍ୟମରେ ସଂଗୀନ ଅଭିଯୋଗ ଘୁରି ବୁଲୁଥିବାରୁ ଏହି ଘଟଣା ସର୍ବତ୍ର ଆଲୋଚନାର ବିଷୟ ହୋଇଛି। ତେବେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ପୁଲିସ ଓ ଖଣିବିଭାଗ ଅଧିକାରୀମାନଙ୍କ ଉପସ୍ଥିତିରେ ତଦନ୍ତ କରାଯାଇ ବାଲି ଉତ୍ତୋଳନକୁ ବନ୍ଦ କରାଯାଇଥିବା ବେଳେ କାହା ସାହାସରେ ଏପରି ବେଆଇନ ବାଲି ଉତ୍ତୋଳନ କରାଯାଉଛି। ସେନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ରିଙ୍ଗରୋଡ୍‌ରେ ବାଲିବୋଝେଇ ଗାଡ଼ି ଓ ଭାରୀଯାନ ଚଳାଚଳ ଯୋଗୁ ବୈତରଣୀ ବନ୍ୟା ସୁରକ୍ଷା ବନ୍ଧ ଓ ଆନନ୍ଦପୁର ବ୍ୟାରେଜ ପ୍ରତି ବିପଦ ସୃଷ୍ଟି ହେଉଥିବା ଜଳସମ୍ପଦ ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଏଥି ପ୍ରତି ଗୁରୁତ୍ୱ ଦେଉନଥିବା ଘଟଣା ଆନନ୍ଦପୁର ଅଞ୍ଚଳବାସୀଙ୍କ ଧନଜୀବନ ସହିତ ଖେଳ ଖେଳିବା ସଦୃଶ ହୋଇଛି। ଅପରପକ୍ଷରେ ଏହି ମାତ୍ରାଧିକ ପରିମାଣର ବାଲି ବୋଝେଇ ଗାଡି ଦୁର୍ବଳ ବୈତରଣୀ ସେତୁ ଉପରେ ଚଳାଚଳ କରୁଥିବାରୁ ବୈତରଣୀ ସେତୁକୁ ବିପଦ ଘନଉଥିବା ଅଭିଯୋଗ ହୋଇଛି। ଏଣୁ ବେଳ ଥାଉଁ ଥାଉଁ ଜିଲା ପ୍ରଶାସନ ଓ ପୁଲିସ ଏହି କାରବାରକୁ ବନ୍ଦ ନକଲେ ଆନନ୍ଦପୁର ବ୍ୟାରେଜ, ବୈତରଣୀ ସେତୁ ଓ ଆନନ୍ଦପୁର ରିଙ୍ଗରୋଡ୍‌ରେ କେତେବେଳେ ଯେ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ସେନେଇ ଆଶଙ୍କା ପ୍ରକାଶ ପାଇଛି।



ସକାଳ THE SAKALA



## ଜମିବିବାଦ ପାଇଁ ଅଟକିଲା ଆରଆଇଏଚ୍‌ଏସ୍ କଲେଜର ୩ଶହ ଶଯ୍ୟା ଛାତ୍ରାବାସ ଗୃହ

# ଅଧାରେ ରହିଲା ୧୧ କୋଟି ଟଙ୍କାର ପ୍ରକଳ୍ପ

ଚୌକି, ୨୨।୬(ସମିସ):



ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚଏସ )ର ଜଳେଶ୍ୱରପୁର ଗ୍ରାମରେ ଥିବା ପୁରୁଣା କ୍ୟାମ୍ପସରେ ନିର୍ମାଣ ହେଉଥିବା ଛାତ୍ରାବାସଗୃହ ନିର୍ମାଣ ଏବେ ଜମି ବିବାଦ ପାଇଁ ସ୍ଥଗିତ ରହିଛି। ଫଳରେ ହଷ୍ଟେଲରେ ରହି ପାଠ ପଢ଼ିବା ହଜାର ହଜାର ଛାତ୍ରଙ୍କ ସ୍ୱପ୍ନ ଧୂଳିସାତ ହେବା ସହିତ ଅଞ୍ଚଳରେ ଶିକ୍ଷାର ବିକାଶରେ ଏକ ବିରାଟ ବାଧା ସୃଷ୍ଟି ହେବାକୁ ଯାଉଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଜଳେଶ୍ୱରପୁର ମୌଜାରେ ଏହି କଲେଜ ନାମରେ ଥିବା ୨ଏକର ୮୦ ଡେସିମିଲ ଜମିରେ ୧୧କୋଟି ଟଙ୍କା ବ୍ୟୟରେ ୩ଶହ ବେଡ଼ର ୧୧ହଜାର ବର୍ଗଫୁଟର ଏକ ତ୍ରିତଳ ଛାତ୍ରାବାସ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ତ୍ତବିଭାଗ ଏହି ନିର୍ମାଣ ଦାୟିତ୍ୱ ନେଇଥିବା ବେଳେ ହଷ୍ଟେଲର ସୁଉଚ୍ଚ ପାଚେରୀ ନିର୍ମାଣ ଶେଷ ହୋଇ କୋଠା ନିର୍ମାଣ ପାଇଁ ଗ୍ରେଡ଼ବିମ କାମ ଶେଷ ହୋଇଯାଇଥିଲା। ପ୍ରାୟ ୨କୋଟି ଟଙ୍କାର ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ନିକଟସ୍ଥ ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ନିର୍ମାଣାଧୀନ ଜମି ସ୍କୁଲର ସମ୍ପତ୍ତି ବୋଲି ଦାବି କରି ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଦତ୍ତ କୋର୍ଟରେ ମାମଲା ରୁଜୁ କରିଥିବା ଯୋଗୁ କୋର୍ଟ ନିର୍ଦ୍ଦେଶ କ୍ରମେ ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଛି ବୋଲି ନିର୍ମାଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଅନିଲ କୁମାର ଦାସ ସୂଚନା ଦେଇଛନ୍ତି।

ସୂଚନାରୁ ପ୍ରକାଶ ଯେ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଥିବା ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚଏସ ) ୧୯୮୦ ମସିହାରୁ ଓଡ଼ିଶାର ଉଚ୍ଚଶିକ୍ଷା ଜଗତରେ ଆଲୋକବର୍ତ୍ତିକା ସାଜିଥିବା ଏକ ପ୍ରତିଷ୍ଠିତ ସୁନାମଧନ୍ୟ ଶିକ୍ଷା ଅନୁଷ୍ଠାନ। ଅଧୁନା ଏହି କଲେଜରେ +୨, +୩ କଳା, ବିଜ୍ଞାନ ଓ ବାଣିଜ୍ୟ ସହିତ ଓଡ଼ିଆ, ଇଂରାଜୀ, ଶିକ୍ଷା ଓ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ୪ହଜାର ୫ ଶହ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। କଲେଜରେ ୨ଟି ଛାତ୍ରୀ ନିବାସ ରହିଥିବା ବେଳେ ଏକ ଛାତ୍ରବାସର ଆବଶ୍ୟକତା ଥିଲା। ଏହାକୁ ଦୃଷ୍ଟିରେ ରଖି କଲେଜ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ଦାବି ଜଣାଇଥିଲେ। ଅଧ୍ୟକ୍ଷ କେଦାରସିଂ ଦାସ ଓ ପରିଚାଳନା କମିଟିର ଆପ୍ରାଣ ଚେଷ୍ଟା ଯୋଗୁ କଲେଜର ପୁରୁଣା କ୍ୟାମ୍ପସରେ ୩ଶହ ଶଯ୍ୟା ବିଶିଷ୍ଟ ବାଳକ ହଷ୍ଟେଲ ନିର୍ମାଣ ପାଇଁ ବାଟ ଫିଟିଥିଲା। ଗତ ୬ମାସ ଧରି ପୂର୍ତ୍ତ ବିଭାଗ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ପାଚେରୀ ନିର୍ମାଣ ଶେଷ କରିଥିଲେ। ପରେ ହଷ୍ଟେଲ ଗୃହ ନିର୍ମାଣପାଇଁ ଗ୍ରେଡ଼ବିମ ପଡ଼ିଥିଲା। ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଥିବା ବେଳେ ଏହି ନିର୍ମାଣଧୀନ ଜମି ସ୍ଥାନୀୟ ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ନାମରେ ପୂର୍ବରୁ ରେକର୍ଡ ଥିଲା ବୋଲି ଦାବି କରି ପ୍ରଧାନଶିକ୍ଷକ ଶ୍ରୀ ଦତ୍ତ ଆଇନର ଆଶ୍ରୟ ନେଇଛନ୍ତି। ଫଳରେ ଏକ ବିବାଦୀୟ ପରିସ୍ଥିତିରେ ଛାତ୍ରାବାସ ନିର୍ମାଣ ବନ୍ଦ ରହିଛି। ତୁରନ୍ତ ରାଜ୍ୟ ସରକାର ଏବାବଦରେ ଉଚିତ ପଦକ୍ଷେପ ନେବାକୁ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

**ଦୁଇ ଅନୁଷ୍ଠାନ ମଧ୍ୟରେ ବୁଝାମଣା ହେଲେ ଶିକ୍ଷାର୍ଥୀଙ୍କ ପାଇଁ ବରଦାନ ହେବ**

## ସରସ୍ୱତୀ ଶିଶୁ ମନ୍ଦିରରେ ବିଶ୍ୱ ଯୋଗ ଦିବସ ପାଳିତ



ବାଲେଶ୍ୱର, ୨୨।୬(ସମିସ): ରସାଳପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ପ୍ରଶିକ୍ଷିକା ବନିତା ବାରିକ୍ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରି ସୁସ୍ଥ ମାନବ ସମାଜ ପାଇଁ ଯୋଗର ଆବଶ୍ୟକତା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ଶିବାଜୀ ନିଜ ବକ୍ତବ୍ୟରେ ପ୍ରତ୍ୟେକ ଦିନ ଯୋଗ କରିବାକୁ ପିଲାମାନଙ୍କୁ ଆହ୍ୱାନ କରିଥିଲେ। ଗୁରୁଜୀ ଆକାଶ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାଙ୍ଗ ରଖିଥିଲେ ଜୟସ୍ମିତା ମୁଦୁଲି। ଆଚାର୍ଯ୍ୟା ଶୁଭସ୍ମିତା ବାରିକ୍ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସସ୍ମିତା ଗୁରୁମା' ଅମୃତ ବଚନ ପାଠ କରିଥିଲେ। ପ୍ରତିମା ଗୁରୁମା' ବ୍ୟକ୍ତିଗତ ଗୀତ ବୋଲିଥିବା ବେଳେ ଆଚାର୍ଯ୍ୟା ବିନୀତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଶମ୍ଭୁନାଥ ଯାଦବ, ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ରାଉତ, ଆଚାର୍ଯ୍ୟା ମିତାରାଣୀ ରାଉତ, ଶ୍ରଦ୍ଧାଞ୍ଜଳି ଦାସ, ମମତା ବାରିକ୍, ମନୀଷା ଦାସ୍, ଝୁନୀ ବାରିକ୍ ଓ ସେବୀକା ରଞ୍ଜୁଲତା ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭା ପରେ ଯୋଗ ପ୍ରଶିକ୍ଷୀକା ବନୀତା ବାରିକ୍ ସମସ୍ତ ଶିଶୁ ଭାଇ-ଭଉଣୀ ମାନଙ୍କୁ ଓ ଗୁରୁଜୀ-ଗୁରୁମା' ମାନଙ୍କୁ ବିଭିନ୍ନ ପ୍ରକାର ଯୋଗାସନ ଓ ପ୍ରାଣାୟାମ ଶିକ୍ଷାଦାନ କରିଥିଲେ।

## ପୋଖରୀରେ ବ୍ଲିଚିଂ ଓ ଫିନାଇଲ ପକାଇବା ଅଭିଯୋଗ

# ମରିଗଲେ ୨୦ କ୍ୱିଣ୍ଟାଲରୁ ଅଧିକ ମାଛ

ଜଳେଶ୍ୱର ବ୍ଲକ, ୨୨।୬ (ସମିସ): ଜଳେଶ୍ୱର ସହର ମଧ୍ୟରେ ଥିବା ଅଲାଲପୁର ହାଟ ପୋଖରୀ ନିକଟରେ ଜଳେଶ୍ୱର ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ତରଫରୁ ବ୍ଲିଚିଂ ଓ ଫିନାଇଲ ପକାଇ ଦେବାରୁ ପୋଖରୀର ୨୦ କ୍ୱିଣ୍ଟାଲରୁ ଅଧିକ ମାଛ ମରିଯାଇଛି। ଏକ ପୋଖରୀକୁ ବର୍ଷକୁ ୮୦ ହଜାର ଟଙ୍କାରେ ମାଛ ଚାଷ ସକାଶେ ୨୦୧୭ ରୁ ୨୦୨୭ ମସିହା ଯାଏଁ ଲିଜ ନେଇଛନ୍ତି। ଗତ ୨୦୨୨ ଓ ୨୦୨୩ ମସିହାରେ ସଞ୍ଜୀବ ଏହି ପୋଖରୀରେ ମାଛ ଜଆଁଳା ତଥା ମାଛ ଖାଦ୍ୟ ପାଇଁ ଦୁଇ ଲକ୍ଷରୁ ଅଧିକ ଟଙ୍କା



ଫଳରେ ମାଛ ଚାଷ କରିଥିବା ସମ୍ପୃକ୍ତ ଚାଷୀ ପାଞ୍ଚ ଲକ୍ଷ ଟଙ୍କା କ୍ଷତି ସହିଛନ୍ତି ବୋଲି କାନ୍ଦି କାନ୍ଦି ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ଅଲାଲପୁର ଗ୍ରାମର ସଞ୍ଜୀବ କୁମାର ପାତ୍ର ନାମକ ଜଣେ ମାଛ ଚାଷୀ ଅଲାଲପୁର ହାଟ ପାଖରେ ଥିବା ଜୟନ୍ତ ଦାସ ମହାପାତ୍ରଙ୍କ ଖର୍ଚ୍ଚ କରିଛନ୍ତି। ଆଉ ଦିନ କେଇଟା ପରେ ସଞ୍ଜୀବଙ୍କ ଏହି ପୋଖରୀରୁ ମାଛ ଅମଳ ହୋଇଥାନ୍ତା। କିନ୍ତୁ ପୋଖରୀରେ ମାଛ ଖାଦ୍ୟ ପକାଯିବା ପରେ ସେଠାରେ ପ୍ରବଳ ଦୁର୍ଗନ୍ଧ ହେଉଛି ବୋଲି ମ୍ୟୁନିସିପାଲିଟିରେ ଅଲାଲପୁର ଗାଁର କିଛି ଖଳ ପ୍ରବୃତ୍ତିର ଲୋକ ମିଛ ଅଭିଯୋଗ ଆଣିଥିଲେ ବୋଲି ସଞ୍ଜୀବ ପ୍ରକାଶ କରିଛନ୍ତି। ଆଉ ଏହି ମିଛ ଅଭିଯୋଗ ଆଧାରରେ ମ୍ୟୁନିସିପାଲିଟି ସାନିଟାରୀ ଦଳ ଗତକାଲି ସକାଳ ସମୟରେ ପୋଖରୀ ଚାରି ପାର୍ଶ୍ୱରେ ଥିବା ଶୁଖିଲା ଆଡିରେ ୫ ବୁରା ବ୍ଲିଚିଂ ଓ ୧୦ ଲିଟର କଳା ଫିନାଇଲ ପକାଇ ଦେଇଥିଲେ। ଏହାର କିଛି ଘଣ୍ଟା ପରେ ବର୍ଷା ହେବାରୁ ଏହି ବ୍ଲିଚିଂ ଓ ଫିନାଇଲ ବର୍ଷା ପାଣିରେ ଧୋଇ ଯିବା ସହ ପୋଖରୀ ପାଣିରେ ମିଶି ଯାଇଥିଲା। ଆଉ ଏହାପରେ ପୋଖରୀ ପାଣି ବିଷାକ୍ତ ହୋଇ ସନ୍ଧ୍ୟାରୁ ମାଛ ମରିବାକୁ ଲାଗିଲା। ସଞ୍ଜୀବଙ୍କ କହିବା ଅନୁଯାୟୀ ଗତକାଲି ଠାରୁ ଏହି ପୋଖରୀ ରେ ୨୦ କ୍ୱିଣ୍ଟାଲରୁ ଅଧିକ ମାଛ ମରିଛି ଫଳରେ ତାଙ୍କର ୫ ଲକ୍ଷ ଟଙ୍କା କ୍ଷତି ହୋଇଛି ଓ ଅବିଳମ୍ବେ କ୍ଷତିପୂରଣ ଦିଆଯାଉ ବୋଲି ବୋଲି ସଞ୍ଜୀବ ଜଳେଶ୍ୱର ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଓ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।




## ଗୁରୁକୁଳ ଆଶ୍ରମରେ ବିଶ୍ୱ ଯୋଗ ଦିବସ ପାଳିତ

ରୂପସା, ୨୨।୬ (ସମିସ): ସଦର ବ୍ଲକ ଅନ୍ତର୍ଗତ ରୂପସା ସାମିଲ ହସନପୁର ପଞ୍ଚାୟତ ର ପିଣ୍ଡାବଣିଆଁ ଗ୍ରାମରେ ଥିବା ବୈଦିକ ଗୁରୁକୁଳ ଆଶ୍ରମ ପରିସରରେ ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ବିଜୟ ଜୀ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ କନିଷ୍ଠ ବୈଜ୍ଞାନିକ ଅକ୍ଷୟ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବାସହ ଯୋଗ ଦିବସର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଅଭିନେତା ପୂର୍ଣ୍ଣ ଚନ୍ଦ୍ର ନାୟକ, ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ରବୀନ୍ଦ୍ର ବେହେରା ତଥା ଆମ୍ବଗଡ଼ିଆ ବିକାଶ ପରିଷଦ ର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର, ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ଅନୀଲ୍ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି, ନିତ୍ୟ ନିୟମିତ ଯୋଗାଭ୍ୟାସ ଦ୍ୱାରା ଏକ ସୁସ୍ଥ, ଶାନ୍ତିପ୍ରିୟ ଓ ପ୍ରେମ ପୂର୍ଣ୍ଣ ମାନବ ଜୀବନ ଗଢାଯାଇପିରିବ ବୋଲି ମତବ୍ୟକ୍ତ କରିଥିଲେ। ଆର୍ଯ୍ୟ ସେବାସଂଘର ସକ୍ରିୟ ସଦସ୍ୟ ହେମନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିବାସହ ଆଚାର୍ଯ୍ୟ ବିଜୟ ଜୀ, ପ୍ରମିଳା ଗୁରୁମା, ସୁଶ୍ରୀ କଲ୍ୟାଣୀ ଆଚାର୍ଯ୍ୟା ଯୋଗ ପ୍ରଶିକ୍ଷଣ କରାଇଥିଲେ।

# ବିଦ୍ୟୁତ୍ ବିଭାଗର ଅନିୟମିତତା ନେଇ ଆଲୋଚନା

ଜଳେଶ୍ୱର ବ୍ଲକ, ୨୨।୬ (ସମିସ):



ଜଳେଶ୍ୱର କୃଷକ ସଂଗ୍ରାମ ମଞ୍ଚ ତରଫରୁ ଶୁକ୍ରବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଆରୁହା ଗ୍ରାମ ପଞ୍ଚାୟତ ଅଫିସ୍ ରାଜୀବ ଗାନ୍ଧୀ ଗ୍ରାମୀଣ ସେବା କେନ୍ଦ୍ର ପ୍ରକୋଷ୍ଠରେ ଟାଟା ପାୱାର ସେଲୋ ପଏଣ୍ଟ ର ମିଟର ରିଡିଂରୁ ଭୁଲ ବିଲ ଲାଗିବା, ଆଡିସନାଲ ସିକ୍ୟୁରିଟି ଡିପୋଜିଟ ଓ ମିଟର ପ୍ରତ୍ୟାହାର ଦାବି ଆଦି ବିଭିନ୍ନ ବିଦ୍ୟୁତ ବିଭାଗ ର ଅନିୟମିତତାକୁ ନେଇ ଆଲୋଚନା କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଳେଶ୍ୱର ଟାଟା ପାୱାର ଡିଭିଜନ ଅଫିସ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୌମ୍ୟ ରଞ୍ଜନ ନାୟକ, ଏସ.ଡି.ଓ ଭୁବନ କୁମାର ସାହୁ, ଏମ.ଆର.ଟି. ଟିମ୍, ଓ ଜଳେଶ୍ୱରର ବିଦ୍ୟୁତ ବିଭାଗ ର ପ୍ରତିନିଧି ଦଳ ଉପସ୍ଥିତ ହୋଇଥିଲେ। ଦିନିକିଆ କର୍ମଶାଳାରେ କପାସିଆ ଅଞ୍ଚଳର ଖୁଲୁଡା, ବର୍ତ୍ତନା, ଗୋପୀମୋହନପୁର ଓ ଆରୁହା ଗ୍ରାମ ପଞ୍ଚାୟତର ଏକ ଶହରୁ ଅଧିକ ଏଲ.ଆଇ. ଉପଭୋକ୍ତା ଯୋଗ ଦେଇଥିଲେ। ମଞ୍ଚର ଆବାହକ ପଦ୍ମଲୋଚନ ବେହେରାଙ୍କ ନେତୃତ୍ୱରେ ଆଲୋଚନା ଆରମ୍ଭ ହେବା ପରେ ଜଳେଶ୍ୱର ଡିଭିଜନର ମୁଖ୍ୟ ଶ୍ରୀ ନାୟକ ବିଦ୍ୟୁତ ବିଭାଗର ମିଟର ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ପରେ ଉପସ୍ଥିତ ଉପଭୋକ୍ତା ବିଭିନ୍ନ ମିଟର ରିଡିଙ୍ଗ ସମ୍ବନ୍ଧୀୟ ଆଲୋକପାତ କରିବା ସହିତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ ତାଙ୍କର ପ୍ରତିନିଧି ଦଳ ଫିଲ୍ଡ କୁ ଯାଇ ମିଟର ଯାଞ୍ଚ କରିଥିଲେ। ନିମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଲିଫ୍ଟ ପଏଣ୍ଟ, ଆରୁହା ଗ୍ରାମ ର ନରେନ୍ଦ୍ର ବେହେରାଙ୍କ ଲିଫ୍ଟ ପଏଣ୍ଟ ଓ ସରସୀଦା ଗ୍ରାମର ସପନ ପରିଡ଼ାଙ୍କ ଲିଫ୍ଟ ପଏଣ୍ଟ ର ମିଟର ଯାଞ୍ଚ୍ କରାଯାଇଥିଲା। ମାତ୍ର ମିଟର ଗତିବିଧି ସଠିକ୍ ରହିଛି ଏବଂ ମିଟର ରିଡିଙ୍ଗ ଠିକ୍ ଅଛି ଯାହା ପ୍ରତ୍ୟକ୍ଷ ଯାଞ୍ଚରେ ଜଣାପଡ଼ିଛି। ତତ୍ ପରେ ପୁଣି ଟି.ପି.ଏନ.ଓ.ଡି.ଏଲ. ର କାର୍ଯ୍ୟ ନିର୍ବାହୀ ଓ ସଂଗ୍ରାମ ମଞ୍ଚ ର ଉପସ୍ଥିତ ରେ କିଛି ସଠିକ୍ ପଦକ୍ଷେପ ଗ୍ରହଣ କରାଗଲା ଯଥା ଜଳେଶ୍ୱର ଡିଭିଜନ ଅଧୀନରେ ଲଗା ଯାଇଥିବା ଏଲ.ଆଇ.ପଏଣ୍ଟ ର ସମସ୍ତ ମିଟର ପୁନର୍ବାର ଯାଞ୍ଚ୍ କରା ଯିବାର ନିଷ୍ପତ୍ତି ଗ୍ରହଣ କରାଗଲା। ଆଡିସନାଲ ସିକ୍ୟୁରିଟି ଡିପୋଜିଟ ବର୍ତ୍ତମାନ କିଛି ପୈଠ କରିବାର ଆବଶ୍ୟକତା ନାହିଁ।ଏହି ରାଶି ଦେଲେ ତାର ସୁଧ ଟଙ୍କା ବିଲରେ ମାଇନସ୍ ହେବ। ଟାଟା ପାୱାର ଜଳେଶ୍ୱର ଡିଭିଜନ ଅଫିସ୍ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍?ାବଧାନରେ ଏଲ.ଆଇ. ଉପଭୋକ୍ତାଙ୍କ ସମସ୍ୟାର ସୁସମାଧାନ ପାଇଁ ଏକ ଏଲ.ଆଇ. ଗ୍ରିଭେନସ ସେଲ ଖୋଲା ଯିବାର ନିଷ୍ପତ୍ତି ନିଆଗଲା। ପୁଣି ଫିଡର ଅନୁଯାୟୀ କର୍ମଶାଳା ବାବଦରେ ଏଲ.ଆଇ. ଉପଭୋକ୍ତାଙ୍କୁ ସୂଚନା ପ୍ରଦାନ କରାଯିବାର ସିଦ୍ଧାନ୍ତ ନିଆ ଯାଇଥିଲା। ଉକ୍ତ ଆଲୋଚନାରେ ମଞ୍ଚର ଆବାହକ ପଦ୍ମଲୋଚନ ବେହେରା, ଅନନ୍ତ କୁମାର ରାଉଳ, ତ୍ରିଲୋଚନ ଦାସ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିଜୟ କୁମାର ଜେନା, ରାଜେନ୍ଦ୍ର ପ୍ରଧାନ, ଗଜେନ୍ଦ୍ର ବେହେରା, ଗୌରାଙ୍ଗ ବେହେରା, ରଜନୀକାନ୍ତ ଜେନା, ନରେନ୍ଦ୍ର ବେହେରା, ନରହରି ପ୍ରଧାନ, ତପନ କୁମାର ପରିଡ଼ା, ହରେନ୍ଦ୍ର ଜେନା, ଯଜ୍ଞେଶ୍ୱର ବାରିକ, ରାଧାକୃଷ୍ଣ ବେହେରା, ଗୌତମ ପାତ୍ର, ନିରଜ୍ କୁମାର ସାମଲ ଓ ବହୁ ସେଲୋ ପଏଣ୍ଟ ମାଲିକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପୂର୍ବତନ ବିଧାୟକ ପର୍ଶୁରାମ ପାଣିଗ୍ରାହୀଙ୍କ ଶ୍ରାଦ୍ଧବାର୍ଷିକୀ



ସିମୁଳିଆ, ୨୨।୬(ସମିସ): ସିମୁଳିଆର ପୂର୍ବତନ ବିଧାୟକ ତଥା ଅଣ କଂଗ୍ରେସର ରାଜନୀତିର ଭିତ୍ତି ସଂସ୍ଥାପକ ସ୍ୱର୍ଗତ ପର୍ଶୁରାମ ପାଣିଗ୍ରାହୀଙ୍କ ୯ମ ଶ୍ରାଦ୍ଧବାର୍ଷିକୀରେ ସ୍ୱର୍ଗତ ପାଣିଗ୍ରାହୀଙ୍କୁ ବହୁ ବିଶିଷ୍ଟ ବ୍ୟକ୍ତି ଆଜି ପ୍ରଣମ୍ୟ ପର୍ଶୁରାମ ସ୍ମୃତିପୀଠରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ପ୍ରଣମ୍ୟ ପର୍ଶୁରାମ ସ୍ମୃତି ପୀଠର ଅଧ୍ୟକ୍ଷ ଅଧ୍ୟାପକ କୀର୍ତ୍ତନ ବିହାରୀ ଦାଶଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତ ପର୍ଶୁରାମ ପାଣିଗ୍ରାହୀଙ୍କ ସୁପୁତ୍ର, ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତାଦଳର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଅତିଥି, ଦଳୀୟ କର୍ମୀ, ବିଧାୟକ, ପୂର୍ବତନ ବିଧାୟକ, ଶିକ୍ଷାବିତ୍, ସାହିତ୍ୟିକ ଓ ସାମ୍ବାଦିକମାନଙ୍କୁ ସ୍ୱାଗତ କରିବା ସହ ଆତିଥ୍ୟ ପ୍ରଦାନ କରିଥିଲେ। ସିମୁଳିଆ ନିର୍ବାଚନ ମଣ୍ଡଳୀରେ ସ୍ୱର୍ଗତ ପର୍ଶୁରାମ ପାଣିଗ୍ରାହୀଙ୍କ ସ୍ଥାନ ଅପୂରଣୀୟ ବୋଲି ଅତିଥିମାନେ ମତଦେଇଥିଲେ। ସୋରର ବିଧାୟକ ମାଧବ ଧଡା, ନୀଳଗିରର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶ ଶେଖର ପରିଡ଼ା, ଖଇରା ବ୍ଲକ ଉପାଧ୍ୟକ୍ଷ ଜୟନ୍ତ ରାଉତ, ଜିଲ୍ଲାପରିଷଦ ସଦସ୍ୟା ରଶ୍ମିତା ମହାପାତ୍ର, ଖଇରାର ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି, ଶିକ୍ଷାବିତ୍ ହୃଷୀକେଶ ପଣ୍ଡା, ଶିକ୍ଷାବିତ୍ ଜିତେନ୍ଦ୍ର କୁମାର ବେହେରା, ସାହିତ୍ୟିକ ଭରତ ଚନ୍ଦ୍ର ଦାଶ, ଶିବ ପ୍ରସାଦ ବେହେରା, ରମେଶ ଚନ୍ଦ୍ର ସାହୁ, କୈଳାଶ ଉପାଧ୍ୟାୟ, ଅଜୟ କୁମାର ପତ୍ରୀ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଆଇନଜୀବୀ କୈଳାଶ ଚନ୍ଦ୍ର ବେହେରାଙ୍କ ସମେତ ସିମୁଳିଆ ଓ ଖଇରା ବ୍ଲକର ସରପଞ୍ଚ, ସମିତି ସଭ୍ୟଙ୍କ ସହ ଦଳର ପଦାଧିକାରୀମାନେ ଉପସ୍ଥିତ ରହି ସ୍ୱର୍ଗତ ପର୍ଶୁରାମ ପାଣିଗ୍ରାହୀଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ୨୦୧୫ ମସିହା ପବିତ୍ର ସ୍ନାନ ପୂର୍ଣ୍ଣିମା ତିଥିରେ ସ୍ୱର୍ଗତ ପାଣିଗ୍ରାହୀଙ୍କ ପରଲୋକ ଘଟିଥିଲା।

## ରସରାଜ ବନବିହାରୀ ଦାସଙ୍କ ଜୟନ୍ତୀ ସମାରୋହ




ବାଲେଶ୍ୱର, ୨୨।୬(ସମିସ): ରେମୁଣା ସାହିତ୍ୟ ସଂସଦ ଆନୁକୂଲ୍ୟରେ ରସରାଜ ବନବିହାରୀ ଦାସଙ୍କ ୧୧୧ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ମହାପାତ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା କବି ନିରଞ୍ଜନ ସାହୁ, ଶିକ୍ଷାବିତ ଜଳଧର ଦାସ, ଗିରିଶ କୁମାର ଷଡଙ୍ଗୀ, ପଦ୍ମଲୋଚନ ପ୍ରଧାନ ପ୍ରମୁଖ ଯୋଗଦେଇ ରସରାଜ ବନବିହାରୀଙ୍କ ସାହିତ୍ୟ କୃତି ଉପରେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ରସରାଜଙ୍କ ଉପରେ ଆଧାରିତ ମନୋଜ୍ଞ କବିତା ପାଠୋତ୍ସବ ପ୍ରଭାକର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। କବି ତପନ କୁମାର ଦାସ, ସଇଦନ ବିବି, ଜୟଶ୍ରୀ ମିଶ୍ରଙ୍କ ସମେତ ୨୦ରୁ ଅଧିକ କବି କବୟିତ୍ରୀ କବିତା ପାଠ କରିଥିଲେ। ଅଜିତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ସଙ୍ଗୀତ ଦିବସ ପାଳିତ

ବାଲେଶ୍ୱର, ୨୨।୬ (ସମିସ): ସ୍ଥାନୀୟ ଭୀମପୁରା ଶଙ୍କର ଭବନ ପ୍ରାଙ୍ଗଣରେ ଗୁରୁ ଗଙ୍ଗାଧର କଳା ସଂସ୍କୃତି ସଂସଦ ଆନୁକୂଲ୍ୟରେ ବିଶ୍ୱ ସଙ୍ଗୀତ ଦିବସ ପାଳିତ ହୋଇଯାଇଛି। ଗୁରୁ ଗଙ୍ଗାଧର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ନାଟ୍ୟ ଗବେଷକ ଡ. ଭାଗବତ ପ୍ରସାଦ ଦାସ, ମୁଖ୍ୟବକ୍ତା ଗୀତିକାର ସୁଧାକର ପାଢ଼ୀ, ସମ୍ମାନିତ ଅତିଥି ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ବିଶ୍ୱ ସଙ୍ଗୀତ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ଶ୍ରୀ ସେଠୀ ଉତ୍ସବ ଉଦଘାଟନ କରି ଆଜି ଆମ ସଙ୍ଗୀତ ପାଶ୍ଚାତ୍ୟ ପ୍ରଭାବରେ ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଉଛି। ତେଣୁ ଆମ ସଙ୍ଗୀତ କଳାର ମୌଳିକତା ରକ୍ଷା କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସଂସଦର ଉପସଭାପତି ହାଡିବନ୍ଧୁ ସାମଲ ଯୋଗଦେଇ ଦେଶ ବନ୍ଦନା ଗାନ କରିଥିବା ବେଳେ ଶ୍ରୀ ପାଢ଼ୀ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। କୋଷାଧ୍ୟକ୍ଷ ଗୀତାରାଣୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀ ଶୁଭଶ୍ରୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୀନକୃଷ୍ଣ କଲେଜର ନୂତନ ଅଧ୍ୟକ୍ଷଙ୍କ କାର୍ଯ୍ୟଭାର ଗ୍ରହଣ



ଜଳେଶ୍ୱର ବ୍ଲକ, ୨୨।୬ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୁଗୋ ଗ୍ରାମ ପଞ୍ଚାୟତର ଧାନ ସିମୁଳିଆସ୍ଥିତ ସର୍ବପୁରାତନ ଶିକ୍ଷାନୁଷ୍ଠାନ ଦୀନକୃଷ୍ଣ ମହା ବିଦ୍ୟାଳୟରେ ୩୭ ତମ ଅଧ୍ୟକ୍ଷ ଭାବେ ବରିଷ୍ଠ ପ୍ରାଧ୍ୟାପକ ସୁକାନ୍ତ କୁମାର ଦାସ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ପଦାର୍ଥ ବିଜ୍ଞାନର ମୁଖ୍ୟ ପ୍ରାଧ୍ୟାପକ ଭାବେ କଲେଜରେ କାର୍ଯ୍ୟ କରି ଆସୁଥିଲେ। ଏକ ସ୍ୱାଗତ ଉତ୍ସବରେ କଲେଜର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ନବନିଯୁକ୍ତ ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପରିଚାଳନା କମିଟିର ସଭାପତି ତଥା ପୂର୍ବତନ କଲେଜ ଅଧ୍ୟକ୍ଷ କମଳାକାନ୍ତ ଚାନ୍ଦ ଓ ଅନ୍ୟ ବହୁ ସଦସ୍ୟ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ଜଣାଇଥିଲେ। ମହାବିଦ୍ୟାଳୟ ବିଭିନ୍ନ ସମସ୍ୟାର ଗତି କରୁଥିବାରୁ ଆଗାମୀ ଦିନରେ ତାହା ସମାଧାନ କରିବାକୁ ନୂତନ ଅଧ୍ୟକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ପୁରାତନ ଶିକ୍ଷାର୍ଥୀ ଛାତ୍ର ସଂଘ ନିବେଦନ କରିଛନ୍ତି। ବିଶେଷ କରି ଜଳେଶ୍ୱର ୬୦ ନମ୍ବର ଜାତୀୟ ରାଜପଥ ନିକଟରେ ଥିବା ଅନୁଷ୍ଠାନର ଭୂସମ୍ପତ୍ତିର ସୁରକ୍ଷା ଏବଂ ଆବଶ୍ୟକ ହେଲେ ଉକ୍ତ ସ୍ଥାନରେ ବିଜ୍ଞାନ କଲେଜ ସ୍ଥାପନ କରାଯିବା ଲାଗି ପ୍ରସ୍ତାବ ଦିଆଯାଇଛି। ପୂର୍ବତନ ଛାତ୍ର ସଂଘର କର୍ମକର୍ତ୍ତା ପ୍ରାକ୍ତନ କଲେଜ ଅଧ୍ୟକ୍ଷ ଡ. ରମାକାନ୍ତ ଭଞ୍ଜ, ଜିତାରାମ ଦେ, ସାମ୍ବାଦିକ ଅବନୀ କୁମାର ଚାନ୍ଦ, ଆଇନଜୀବୀ ପତିତପାବନ ପ୍ରମୁଖ ଏହା କହିଛନ୍ତି।

# ପ୍ରତୀକ୍ଷା ଯନ୍ତ୍ରଣାରେ ଛଟପଟ ବସ୍ତାବାସୀ



ରେଳ ଫାଟକରେ ତୁରନ୍ତ ଓଭରବ୍ରିଜ ନିର୍ମାଣ ପ୍ରକ୍ରିୟା ଆରମ୍ଭ ଦାବି

ବସ୍ତା ବ୍ଲକ, ୨୨।୬ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ବର୍ଷ ବର୍ଷ ଧରି ବଡ଼ ସମସ୍ୟା ଭାବେ ଉଭା ହୋଇଛି ରେଳ ଫାଟକ। ଦୀର୍ଘ ସମୟ ଧରି ଫାଟକ ପଡ଼ିବା ଯୋଗୁଁ ଲୋକେ ପ୍ରତୀକ୍ଷା ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ବସ୍ତା ଦକ୍ଷିଣ କ୍ୟାବିନ ଅପର ପାର୍ଶ୍ୱରେ ବସ୍ତା ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ, ବସ୍ତା ବ୍ଲକର ପତ୍ରଝଡ଼ା ପଞ୍ଚାୟତ ଅନେକ ରାଜସ୍ୱ ଗ୍ରାମ ସହ ପଡୋଶୀ ମୟୂରଭଞ୍ଜ ଜିଲ୍ଲାର ଲୋକେ ଯାତାୟାତ କରିଥାନ୍ତି। ଦିନକୁ ଦିନ ଏହି ଫାଟକ ଯନ୍ତ୍ରଣାରେ ଲୋକେ ଅତିଷ୍ଠ ହେଉଛନ୍ତି। ବସ୍ତାକୁ ସଂଯୋଗ ପାଇଁ ଦୁଇଟି ଫାଟକ ରହିଛି। ଦକ୍ଷିଣ କ୍ୟାବିନ୍ ନିକଟରେ ଏଲ ସି ଗେଟ ନମ୍ବର ୬୧ ଓ କୁଣ୍ଡପୁରଠାରେ ଏଲ ସି ଗେଟ ନମ୍ବର ୬୦ ରହିଛି। ଥରେ ଗେଟ ପଡ଼ିଲେ ଏକା ଥରକେ ୩ରୁ ୫ଟି ଟ୍ରେନ ଅତିକ୍ରମ କରୁଛି। ଯାହା ଫଳରେ ଫାଟକ ପାରି ହେବାକୁ ଲୋକଙ୍କୁ ବେଳେ ବେଳେ ୩୦ ମିନିଟରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଛି। କେତେବେଳେ ଆମ୍ବୁଲାନ୍ସ ଅଟକି ରହୁଛି ତ କେତେବେଳେ ଦମକଳ ଗାଡ଼ି। ପୁଲିସ ଗାଡ଼ି ହେଉ କି ସ୍କୁଲ ଭ୍ୟାନ, ସରକାରୀ ଗାଡ଼ି ହେଉ ଅଥବା ସାଧାରଣ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗତ ଗୁରୁବାର ରାତିରେ ଏକ ୧୦୮ ଆମ୍ବୁଲାନ୍ସ କୁଣ୍ଡପୁର ଗେଟ ପାଖରେ ଅଧଘଣ୍ଟାରୁ ଅଧିକ ସମୟ ଅଟକି ରହି ଥିଲା। ଲୋକଙ୍କ ଅଭିଯୋଗ ୫ଟି ଟ୍ରେନ ଅତିକ୍ରମ କରିବା ପରେ ଯାଇ ଫାଟକ ଖୋଲି ଥିଲା। ଏବେ ଗେଟ ଗୁଡ଼ିକୁ ଷ୍ଟେସନ ଲକ୍‌ରେ ପରିଚାଳିତ କରାଯାଉଥିବାରୁ ଗାଡ଼ି ଷ୍ଟେସନ ଅତିକ୍ରମ ନ କଲେ ଗେଟ ଖୋଲିବାକୁ ଅନୁମତି ମିଳୁ ନ ଥିବା ଜନୈକ କର୍ମଚାରୀ ପ୍ରକାଶ କରିଛନ୍ତି। ଅନେକ ଫାଟକରେ ଟ୍ରେନ ଯିବା ପରେ ତୁରନ୍ତ ଗେଟ ଖୋଲି ଯାଉଥିବା ବେଳେ ବସ୍ତାରେ କାହିଁକି ବିଳମ୍ବ ହେଉଛି ତାହାକୁ ନେଇ ଲୋକେ ପ୍ରଶ୍ନ କରିଛନ୍ତି। ପ୍ରତ୍ୟେକ ଦିନ ୧୨ ଘଣ୍ଟାରେ ଏକ୍ସପ୍ରେସ, ପାସେଞ୍ଜର ଓ ମାଲ ଗାଡ଼ିକୁ ମିଶାଇ ୭୦ ଟି ପାଖାପାଖି ଟ୍ରେନ ଅପ ଓ ଡାଉନ୍ ଲାଇନରେ ଅତିକ୍ରମ କରୁଛି। ଯାହା ଫଳରେ ପରିସ୍ଥିତି କ'ଣ ହେଉଥିବ ସ୍ପଷ୍ଟ ଅନୁମେୟ। ବସ୍ତାରେ ଏକ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଥିବା ବେଳେ ୨୦୨୪ ସାଧାରଣ ନିର୍ବାଚନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାଲିଆପାଳ ବ୍ଲକର ଏକ ନିର୍ବାଚନୀ ସଭାରେ ବସ୍ତାରେ ଗେଟ ନମ୍ବର ୬୦ ଓ ୬୧ରେ ଦୁଇଟି ଓଭରବ୍ରିଜ ହେବ ବୋଲି ଘୋଷଣା କରିଥଲେ। ଏହି ଦୁଇ ବ୍ରିଜ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ପ୍ରକାଶ ପରେ ଆଶା ଉଜ୍ଜୀବିତ ହୋଇଛି। ଏ ସମ୍ପର୍କରେ ବସ୍ତା ଆର୍‌ଏଣ୍ଡବିର ଏସଡିଓଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ, ଦୁଇଟି ବ୍ରିଜ ମଧ୍ୟରୁ ପ୍ରଥମେ କୁଣ୍ଡପୁରସ୍ଥିତ ୬୦ ନମ୍ବର ଗେଟରେ ପ୍ରଥମେ ବ୍ରିଜ ହେବ। ରେଳବାଇ ବିଭାଗ ଏହି ଗେଟର ଡିଜାଇନ୍‌ରେ ବ୍ରିଜର ଓସାର ୭ ମିଟର ହୋଇ ଥିବା ବେଳେ ଆଗାମୀ ବର୍ଷରେ ଲୋକଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ତାହାର ଓସାର ୧୦ ମିଟର କରିବାକୁ ବିଭାଗ ପକ୍ଷରୁ ରେଳବାଇକୁ ଚିଠି କରାଯାଇଛି। ଅନୁମୋଦନ ଆସିଲେ ତୁରନ୍ତ ଟେଣ୍ଡର ପ୍ରକ୍ରିୟା କରାଯିବ ବୋଲି ସେ କହିଛନ୍ତି। ବସ୍ତା ୬୧ ନମ୍ବର ଗେଟ ରେ ହେବାକୁ ଥିବା ବ୍ରିଜ ଲୋକଙ୍କ ନିଜସ୍ୱ ଜମି ଉପରେ ଦେଇ ଯାଉଥିବା ବେଳେ ତାହା କରିବାକୁ ବିଳମ୍ବ ହୋଇପାରେ ବୋଲି ଏସଡିଓ ପ୍ରକାଶ କରିଛନ୍ତି। ଲୋକେ ପ୍ରତୀକ୍ଷା ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ବ୍ରିଜ ନିର୍ମାଣ ପ୍ରକ୍ରିୟା ତୁରନ୍ତ କରିବାକୁ ସବୁ ମହଲରୁ ଦାବି ହୋଇଛି।

## ରେଳ ଫାଟକ ଖୋଲିବା ପାଇଁ ଡିଆର୍‌ଏମ୍‌ଙ୍କୁ ଦାବିପତ୍ର



ଜଳେଶ୍ୱର ବ୍ଲକ, ୨୨।୬ (ସମିସ): ଗତ ୨୦ ଜୁନରେ ରେଳ ବିଭାଗ ପକ୍ଷରୁ ନୂଆ ବଜାର ରେଲୱେ ଫାଟକ ବନ୍ଦ ହୋଇଯିବା ଫଳରେ ସ୍ଥାନୀୟ ସାଧାରଣ ଲୋକ, ସ୍ଥାନୀୟ ସ୍କୁଲ କଲେଜର ଛାତ୍ରଛାତ୍ରୀ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଫାଟକକୁ ଯଥାଶୀଘ୍ର ଖୋଲାଯିବା ପାଇଁ ଏକ ଦାବିପତ୍ର ଖଡ଼ଗପୁର ଡିଆରଏମ୍‌ଙ୍କୁ ଜଳେଶ୍ୱର ଷ୍ଟେସନ ମ୍ୟାନେଜରଙ୍କ ଜରିଆରେ ଦିଆଯାଇଛି। ଏହା ସହିତ ବାଲେଶ୍ୱର ସାଂସଦ, ବାଲେଶ୍ୱର ଜିଲ୍ଲାପାଳ ଓ ଜଳେଶ୍ୱର ବିଧାୟକଙ୍କୁ ମଧ୍ୟ ଉକ୍ତ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ଜଳେଶ୍ୱର ୱାର୍ଡ ନମ୍ବର ୧୧ କାଉନସିଲର ସୁଷମା କର, ଯୁବ ସମାଜସେବୀ ଆନନ୍ଦ କର, ୱାର୍ଡ ନମ୍ବର ୨ କାଉନସିଲର ସୁରଜ୍ କୁମାର ଚୌରାଶିଆ, ଜିତେନ୍ଦ୍ର ଦାସ ମହାପାତ୍ର, ସଞ୍ଜୀବ କୁମାର ପ୍ରଧାନ, ସଞ୍ଜୟ କୁମାର ପ୍ରଧାନ, ଶଙ୍କର ରାମ, ବିଶ୍ୱ ନାରାୟଣ ଚାନ୍ଦ, ପୂର୍ଣ୍ଣଚନ୍ଦ୍ର ମାଇତି ପ୍ରମୁଖ ଉପସ୍ଥିତ ଥିଲେ।

## ଆତଙ୍କ ଖେଳାଇଛି ହତ୍ୟାକାରୀ ତାନ୍ତ୍ରିକ, ଫାଣ୍ଡିରେ ଅଭିଯୋଗ

ରାଇବଣିଆ, ୨୨।୬(ସମିସ): ହତ୍ୟାକାରୀ ତାନ୍ତ୍ରିକ ଭୟରେ ଶୋଇନାହାନ୍ତି ଗାଁ ଲୋକେ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଶ୍ୟାମନଗର ପଞ୍ଚାୟତର କୁଶ ଗଡ଼ ଗ୍ରାମରେ ଏକ ଅଜଣା ଲୋକ ଏକ ଭୁଜାଲି ଧରି ୮ ଦିନ ଧରି ଏହି ଅଞ୍ଚଳରେ ଆତଙ୍କ ଖେଳାଇ ଚାଲିଛି। ରାତି ହେଲେ ଏହି ହତ୍ୟା କାରୀ ତାନ୍ତ୍ରିକ ଏ ଘରେ ସେ ଘରେ ଭୁଜାଲି ଧରି ଲୋକେ ହତ୍ୟା ପାଇଁ ପଶୁଛି ଯାହା ଫଳରେ ଏହି ଅଞ୍ଚଳ ରେ ଲୋକେ ସନ୍ଧ୍ୟାହେଲେ ଏ ଅଞ୍ଚଳରେ ଭୟରେ ତାଟି କବାଟ ପଡୁଛି। ରାତି ସାରା ଗାଁ ଲୋକେ ଚେଇଁ ବସୁଛନ୍ତି। ଲୋକଙ୍କ କହିବା ଅନୁଯାୟୀ ଲୋକେ ଦିନ ହେଲେ ସ୍ଥାନୀୟ ଜଙ୍ଗଲରେ ରହୁଛି। ଏହି ଲୋକଟି ଘର ପଶ୍ଚିମବଙ୍ଗର ନୟାଗ୍ରାମ ଥାନା ଅନ୍ତର୍ଗତ ଶାଳଗଡ଼ିଆ ଗ୍ରାମର। ସେ ସାତ ବର୍ଷ ପୂର୍ବେ ଏକ ନାବାଳକ ହତ୍ୟା ଅଭିଯୋଗରେ ଜେଲ ରେ ଥିଲା। ସେ କିଛି ଦିନ ହେଲା ଜେଲରୁ ଫେରି ପଶ୍ଚିମବଙ୍ଗ ଏବଂ ଓଡ଼ିଶା ସୀମାନ୍ତ ଅଞ୍ଚଳରେ ରାତି ହେଲେ ଭୁଜାଲି ଧରି ଆଉ ଏକ ନାବାଳକର ହତ୍ୟା କରିବା ପାଇଁ ସୁଯୋଗ ଖୋଜୁଛି। ଏ ନେଇ ଭୟରେ ଏହି ଗ୍ରାମର ଲୋକେ ଯଶଦା ପାତ୍ର, ବାସନ୍ତୀ ପାତ୍ର, ଅମ୍ବିକା ପାତ୍ର, କଳ୍ପନା ରଣା, ଅଞ୍ଜନା ପାତ୍ର, ଉତ୍ତମ ଘୋଷ, ପ୍ରମିଳା ରଣା କୁଶୁଗଡ଼ ଫାଣ୍ଡିରେ ଏକ ଅଭିଯୋଗ ପତ୍ର ଦେଇଛନ୍ତି।

## ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଜଳେଶ୍ୱର ବ୍ଲକ, ୨୨।୬ (ସମିସ): ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ। ଜଳବାୟୁ ପରିବର୍ତ୍ତନ ଓ ଋତୁଚକ୍ର ଅନିୟମିତତାକୁ ନେଇ ସଚେତନ ନାଗରିକମାନେ ଅଣ୍ଟା ଭିଡିଛନ୍ତି। ସେହି କ୍ରମରେ ସୁଗୋ ପଞ୍ଚାୟତ ଅଧିନ କାଶିଡିହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଳେଶ୍ୱର ସାହିତ୍ୟ ଘର ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅପରାହ୍ନରେ ସୁନାମଧନ୍ୟ ପ୍ରଧାନ ଶିକ୍ଷକ ଡ. ଅଜିତ କୁମାର ମହାନ୍ତିଙ୍କ ନେତୃତ୍ୱରେ ପୂର୍ବତନ ଅଧ୍ୟକ୍ଷ କମଳାକାନ୍ତ ଚନ୍ଦ, ମୋ ସ୍କୁଲ ଅଭିଯାନର ସଭାପତି ସତ୍ୟବ୍ରତ ନନ୍ଦୀ, ପ୍ରକୃତି ପ୍ରେମୀ ଗଛ ମଣିଷ ନରହରି ଗୁରୁଜୀ, ସିଆରସିସି ମାଖଲ ଲାଲ ବେରା, ଅଧ୍ୟାପକ ଡ. ନୀଳକଣ୍ଠ ଖଣ୍ଡା, ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାସ ଓ ସଞ୍ଜିବ ସେନାପତି ପ୍ରମୁଖ ଉକ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିଦ୍ୟାଳୟ ପରିସରରେ ୧ ଶହରୁ ଅଧିକ ଚାରା ରୋପଣ କରା ଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଶୁଭମ ନନ୍ଦୀ, ଦେବବ୍ରତ ଦାସ, କୃତି ସୁନ୍ଦର ସାହୁ, ଅଞ୍ଜନା ନନ୍ଦୀ, ଦୀନକୃଷ୍ଣ ଚନ୍ଦ, ପଙ୍କଜ ପରିଡ଼ା ଗୌତମ ସେନାପତି, ଦୁଷ୍ମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀମୋହନ ଦାସଙ୍କ ଜୟନ୍ତୀ



ଚୌକି, ୨୨।୬ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ କଖଡା ପଞ୍ଚାୟତର ତୋଲାଡି ଗ୍ରାମର ଜନ୍ମିତ ମୁକ୍ତି ଯୋଦ୍ଧା, ବିପ୍ଳବୀ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟକ ପ୍ୟାରୀମୋହନ ଦାସଙ୍କ ୧୧୧ ତମ ଜନ୍ମ ଜୟନ୍ତୀ ଆଜି କୃପାକ୍ଷେତ୍ର ରସିଦପୁର ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ୟାରୀମୋହନ ସେବା ପରିଷଦ ପକ୍ଷରୁ ପାଳିତ ହେଉଥିବା ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶିଷ୍ଟ ବ୍ୟକ୍ତିମାନେ ନେଗୁଆସ୍ଥିତ ପ୍ୟାରୀମୋହନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ରସିଦ ପୁର ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ ସଭାପତିତ୍ୱ କରିଥିବା ବେଳେ କବି ଶ୍ରୀକୁମାର ଘୋଷ ମଞ୍ଚ ପରିଚାଳନା କରିଥିଲେ। ଭୋଗରାଇରେ ୨୧୨ ଜଣ ସ୍ୱାଧୀନତା ସଂଗ୍ରାମୀ ମଧ୍ୟରେ ପ୍ୟାରୀମୋହନ ଦାସ ଅନ୍ୟତମ। ସେ ସ୍ୱାଧୀନତା ସଂଗ୍ରାମୀରେ ବହୁବାର ଜେଲ୍ ଯାଇଥିବା ସ୍ଥଳେ ମୃତ୍ୟୁଦଣ୍ଡ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା। କିନ୍ତୁ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରଚେଷ୍ଟାରେ ତାଙ୍କୁ ଫାଶୀ ହୋଇନଥିଲା ବୋଲି ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଇନଜୀବୀ ଭୁବନାନନ୍ଦ ଦାସ, ବିଶ୍ୱହିନ୍ଦୁ ପରିଷଦର ସଭାପତି ଗୌରହରି ମହାନ୍ତି, ପ୍ୟାରୀମୋହନ ସେବା ପରିଷଦର ସାଧାରଣ ସମ୍ପାଦକ ରାଜକୁମାର ଦାସ, ରାମହରି ସୁର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନଟବର ଜେନା, ସୁଶାନ୍ତ ଘଡାଇ, ବିଦୁବେନ୍ଦୁ ପାତ୍ର, ନଟବର ଘଡାଇ, ବାଲେଶ୍ୱର ଜିଲ୍ଲା ଓଷ୍ଟାର କାର୍ଯ୍ୟକାରୀ ସଭାପତି ରାଜେନ୍ଦୁ ବିକାଶ ପାତ୍ର, ଦେବକୁମାର ଦାସ, ପ୍ୟାରୀମୋହନ ଦାସଙ୍କ ଜୀବନୀ କର୍ମ ସେବା ବାବଦରେ ଆଲୋଚନା କରିଥିଲେ। ଏହି ଅବସରରେ ପରିଷଦ ତରଫରୁ ଡ. ରମାକାନ୍ତ ବେହେରା, ଶଶିଭୂଷଣ ମହାନ୍ତି, ହେମନ୍ତ ପ୍ରଧାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ସ୍ୱର୍ଗତ ପ୍ୟାରୀମୋହନ ଦାସଙ୍କ ଝିଅ ତଥା ସେବା ପରିଷଦର ସଭାପତି ଅପର୍ଣ୍ଣା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ

ରୂପସା, ୨୨।୬ (ସମିସ):



ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ ଓ ଜାତୀୟ ସବୁଜ ବାହିନୀର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ପିଞ୍ଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ଯୋଗ ବିଶେଷଜ୍ଞ ଆଚାର୍ଯ୍ୟ ବିଜୟ ଜୀ, ମୁଖ୍ୟ ବକ୍ତା ଭାବେ ପ୍ରାଧ୍ୟାପିକା ନୀଳିମା ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ପ୍ରଶିକ୍ଷକ ପ୍ରମିଳା ନାୟକ ଯୋଗ ଦେଇ ଯୋଗ ମାନସିକ ସ୍ଥିରତା ଓ ଏକାଗ୍ରତା ଆଣିବାରେ ସହାୟକ ହେବା ସହ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ବୋଲି ସୂଚନା ପ୍ରଦାନ କରିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରୋଗ୍ରାମ ଅଫିସର ଡ. ଆରୁଣୀ ମିଶ୍ର, ଅଧ୍ୟାପିକା କାବେରୀ ସାହୁ ଓ ହେମନ୍ତ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛବିତା ବେହେରା, ଅଶୋକ ମଡୁଆଳ, ବିକାଶ କୁମାର ମହାପାତ୍ର, ସନ୍ଧ୍ୟାସ୍ମିତା ପ୍ରଧାନ, ବୀଣାପାଣି ଗିରି, ଯଜ୍ଞେଶ୍ୱର ଗିରି, ଅର୍ଚ୍ଚିତା ବେଜ, କାଜଲ ସିଂ, ଉର୍ମିଳା ନାୟକ, ଇଶ୍ମିତା ଜେନା, ବବିତା ନାୟକ, ପୂଜା ପ୍ରଧାନ ଓ ଓମବ୍ରତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବ ରେଡକ୍ରସ କାଉନସେଲର ଅଧ୍ୟାପକ ଶ୍ରବଣ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଜଳେଶ୍ୱର ବ୍ଲକ:** ଜଳେଶ୍ୱର ମ୍ୟୁନିସିପାଲଟି ପକ୍ଷରୁ ନୂଆ ବଜାର ସ୍ଥିତ ଇନ୍ଦୋର ଷ୍ଟାଡିୟମରେ ଯୋଗ ଦିବସ ପାଳନ କରା ଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ତହସିଲଦାର ଜିତେନ୍ଦ୍ର ମୁର୍ମୁ ଯୋଗଦେଇଥିଲେ। ଅଧ୍ୟାପକ ଅନନ୍ତ ଦାସ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଯୋଗ ତାଲିମଦାତା ଭାବେ ପ୍ରାକ୍ତନ ଅଧ୍ୟାପିକା ଇନ୍ଦୁମତୀ ଗିରି ଓ ଅକ୍ଷୟ ଭଞ୍ଜ ଉପସ୍ଥିତ ହୋଇ ଯୋଗାସନ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବିଜେପି ଟାଉନ ସଭାପତି ଫାଲଗୁନ ପାଣିଗ୍ରାହୀ, ପ୍ରାକ୍ତନ କଲେଜ ଅଧ୍ୟକ୍ଷ ଜିତାରାମ ଦେ, ପ୍ରାକ୍ତନ ଅଧ୍ୟକ୍ଷ ଡ. ରମାକାନ୍ତ ଭଞ୍ଜ, ସଂସ୍କୃତ ମହାବିଦ୍ୟାଳୟ ଶାଳିକୋଠାର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ, ପ୍ରାକ୍ତନ ଶିକ୍ଷକ ଗିରିଶ ପାଣିଗ୍ରାହୀ, ବନମାଳୀ ଧଳ, ବିକାଶ ଧର, କାଉନସିଲର ଶିବ ନାରାୟଣ ମହାପାତ୍ର, ଚନ୍ଦନ ଦାସ, ଜଗନ୍ନାଥ ପରିଡ଼ା, ପ୍ରସାଧନ ପ୍ରଶିକ୍ଷକ ନିବେଦିତା ପ୍ରଧାନ, ବରେନ୍ଦ୍ର ପରିଡ଼ା, କ୍ଷେତ୍ର ମୋହନ ଗିରି ପ୍ରମୁଖ ବିଭିନ୍ନ ମୁଦ୍ରାରେ ସମବେତ ଯୋଗ ଅଭ୍ୟାସ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନଗର ସ୍ଥିତ ନୂଆ ବଜାର ମଧ୍ୟ ଇଂରାଜୀ, ହାଇସ୍କୁଲ, ମହିଳା କଲେଜ, ଦିଗମ୍ବରୀ ଦେବୀ ଶିକ୍ଷା ସମୂହର ଶିକ୍ଷାର୍ଥୀ ମାନେ ଯୋଗ ଦେଇଥିଲେ। ଏହା ସହିତ ମ୍ୟୁନିସିପାଲଟି ଅଞ୍ଚଳର ମିଶନ ଶକ୍ତି ମହିଳା ଗୋଷ୍ଠୀ, ବିଭିନ୍ନ ୱାର୍ଡର କାର୍ଯ୍ୟକର୍ତ୍ତା, ବିଭିନ୍ନ ସଂଗଠନ ପ୍ରମୁଖ ସାମିଲ ଦେଇଥିଲେ। ମ୍ୟୁନିସିପାଲିଟି ଅଫିସର ସବ୍ୟସାଚୀ ବରାଳ ଉପସ୍ଥିତ ଥିଲେ।

**ସୋର :** ସୋର ମହିଳା ସ୍ନାତକ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବୃନ୍ଦାବନ ରାଉଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ରାଉଳ ଯୋଗର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ ପରମେଶ୍ୱର ପାଣଗ୍ରାହୀ, ଅକ୍ଷୟ କୁମାର ବାରିକ୍, ସତ୍ୟାନନ୍ଦ ପାତ୍ର ସମେତ ମୁସ୍ତାକ ମହମ୍ମଦ, ସସ୍ମିତା ଜେନା ସହଯୋଗ କରିଥିଲେ।

**ସିମୁଳିଆ ମହାବିଦ୍ୟାଳୟ:** ସିମୁଳିଆ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ, ଭାରତ ସ୍କାଉଟ ଓ ଗାଇଡ଼ ର ମିଳିତ ଆନୁକୂଲ୍ୟରେ ୧୦ ତମ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପବନ୍ଧୁ ମିଶ୍ର ଉଦ୍‌ଘାଟନ କରିବା ସହିତ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ତତ୍ପରେ ଯୋଗ ଗୁରୁ ବାଇଧର ମହାକୁଡ଼ ଛାତ୍ରଛାତ୍ରୀ ଏବଂ କର୍ମଚାରୀ ମାନଙ୍କୁ ଯୋଗାସନ, ପ୍ରାଣାୟମ ଆଦି କରାଇଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ମାନସ ରଞ୍ଜନ ସାହୁ, କମଳ ଲେଙ୍କା, ଲଲାଟେନ୍ଦୁ ମିଶ୍ର, ନିର୍ମଳ ଚନ୍ଦ୍ର ବେହେରା, ଅଜିତ କୁମାର ମହାନ୍ତିଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବାଲିଖଣ୍ଡ ଡିଗ୍ରୀ ମହାବିଦ୍ୟାଳୟ:** ସିମୁଳିଆ ବ୍ଲକ ଅନ୍ତର୍ଗତ ବାଲିଖଣ୍ଡ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ଯୁବ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ଯୁବ ରେଡକ୍ରସ ଅଧିକାରୀ ସୁଧୀର ମୁଦୁଲି ଓ ଜାତୀୟ ସେବା ଯୋଜନା ଅଧିକାରୀ ନରହରି ପେଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବସନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଯୋଗ ମୋ ପାଇଁ ତଥା ସମାଜ ପାଇଁ ଶୀର୍ଷକ ଉପରେ ଯୋଗର ଉପାଦେୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାପରେ ଯୋଗଗୁରୁ ହରିହର ସାହାଣୀଙ୍କ ନେତୃତାଧିନ ଯୋଗଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ଭିନ୍ନ ଭିନ୍ନ ଆସନ, ସୂର୍ଯ୍ୟ ନମସ୍କାର ତଥା ଯୋଗର ବିଭିନ୍ନ ଶୈଳୀ ଶିକ୍ଷା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା, ଅଧ୍ୟାପିକା ଡ. ପ୍ରଭାତୀଲତା ଦାଶ, ଅଧ୍ୟାପକ ନିରୋଦ କୁମାର ଯେନା, ଅଧ୍ୟାପକ ଶଶିକାନ୍ତ ନାୟକ, ତ୍ରିଦେବ ନାୟକ, କର୍ମଚାରୀ ପୁଷ୍ପଲତା କର, ଗଜେନ୍ଦ୍ର ପ୍ରସାଦ ନାୟକ, ମଣିଭଦ୍ର ଜେନା, ଅଶୋକ ମହାନ୍ତି ଓ ସୁରେନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ।

**ଖନ୍ତାପଡ଼ା :** ବାହାନଗା ବ୍ଲକ ଆନୁକୂଲ୍ୟରେ ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀଙ୍କ ଅଧ୍ୟକ୍ଷ୍ୟତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଯୋଗଦେଇ ଯୋଗ ବିଷୟରେ ଆଲୋକପାତ କରିଥିଲେ। ଯୋଗ ଗୁରୁ ବିଜୟ କୁମାର ଦାସ, ହରିଶ୍ଚନ୍ଦ୍ର ପଣ୍ଡା, ଗୋବର୍ଦ୍ଧନ ସାହୁ, ପଦ୍ମଲୋଚନ ପାଣିଗ୍ରାହୀ ମଞ୍ଚାସୀନ ହୋଇ ଯୋଗ ଦ୍ୱାରା ଉପକାରିତା ବିଷୟରେ ଲୋକମାନଙ୍କୁ ବୁଝାଇଥିଲେ। ପରିଶେଷରେ ପଞ୍ଚାୟତ ସମିତି ତରଫରୁ ଯୋଗ ଗୁରୁ ଙ୍କୁ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

**ଗ୍ରାମାଞ୍ଚଳ ବରିଷ୍ଠ ନାଗରିକ ପରିଷଦ :** ଜଳେଶ୍ୱର ବ୍ଲକ ଶାଳିକୋଠାସ୍ଥିତ ସାଇ ମନ୍ଦିର ପ୍ରାଙ୍ଗଣରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଯାଇଛି। ପରିଷଦର ସମ୍ପାଦକ ପ୍ରାକ୍ତନ ଅଧ୍ୟାପକ ସୁଧାଂଶୁ ଶେଖର ପ୍ରଧାନଙ୍କ ପରିଚାଳନାରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ରହ୍ମ ମୁହୂର୍ତ୍ତରେ ସାଇଙ୍କ ଆଳତି ପରେ ଉପସ୍ଥିତ ଯୋଗ ଶିକ୍ଷାର୍ଥୀ ମାନେ ଯୋଗ ପ୍ରକ୍ରିୟା ଓ ବିଭିନ୍ନ ମୁଦ୍ରାରେ ଯୋଗାଭ୍ୟାସ କରିଥିଲେ। ପରିଷଦର ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ନାଥ ଭୂୟାଁ ଉପସ୍ଥିତ ଶିକ୍ଷାର୍ଥୀ ମାନଙ୍କୁ ପ୍ରାଣାୟାମର ବିଭିନ୍ନ ଯୌଗିକ ପ୍ରକ୍ରିୟା ଓ ମୁଦ୍ରାରେ ଶିକ୍ଷା ଦେଇଥିଲେ।

